ଧରିତ୍ରୀ
DHARITRI
December 21-27, 2025 ₹ 2/-

ଧରିତ୍ରୀ DHARITRI 52 Years

ଛୁଟିଦିନ

# ମାଣିଆବନ୍ଧ

୩

ପ୍ରଚ୍ଛଦ ପ୍ରସଙ୍ଗ

ମାଣିଆବନ୍ଧ ଶାଢି ସହ ହିନ୍ଦୁ ଓ ବୌଦ୍ଧ ସଂସ୍କୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳୁଥିବା ଏମିତି ଏକ ଗାଁ; ଯାହାର ନାଁ ମାଣିଆବନ୍ଧ...





## ପଶୁପକ୍ଷୀଙ୍କୁ ଖାଦ୍ୟ ଖୁଆଇବାର ଲାଭ

**ଭୋକିଲା ମୁହଁରେ ଖାଦ୍ୟ ଦେବା ଏକ ମହତ୍ କାମ। ତେବେ ଏମିତି କିଛି ପଶୁପକ୍ଷୀ ବି ଅଛନ୍ତି, ଯେଉଁମାନଙ୍କୁ ଖାଇବାକୁ ଦେଲେ ସୌଭାଗ୍ୟପ୍ରାପ୍ତି ହେବା ସହ ମାନସିକ ଶାନ୍ତି ମିଳେ ବୋଲି ଜ୍ଞାନୀଗୁଣୀ ବ୍ୟକ୍ତିମାନେ ମତ ଦେଇଥାନ୍ତି...**



✲ ନିୟମିତ ଗାଈକୁ ଖାଇବାକୁ ଦେଲେ ଘରେ ସୁଖସମୃଦ୍ଧି ବୃଦ୍ଧି ହୁଏ ବୋଲି ବିଶ୍ୱାସ କରାଯାଏ।

✲ ମାଙ୍କଡ଼କୁ ଖାଇବାକୁ ଦେବା ବି ଅତ୍ୟନ୍ତ ଶୁଭ। ଏହା ଶତ୍ରୁ କବଳରୁ ଓ ଦୁର୍ଘଟଣାରୁ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି।

✲ ବଣିକୁ ଖାଇବାକୁ ଦେଲେ ବୁଦ୍ଧି ଓ ଧନ ବଢିଥାଏ ବୋଲି ବିଦ୍ୱାନମାନେ ମତ ଦେଇଥାନ୍ତି।

✲ ଅସମୟରେ ହାତୀକୁ ଖାଇବାକୁ ଦେଲେ ଦୁଃଖ କମିବା ସହ ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

✲ କଇଁଛକୁ ଖାଇବାକୁ ଦେଲେ ଧନ ଓ ଐଶ୍ୱର୍ଯ୍ୟ ବୃଦ୍ଧିର ସଙ୍କେତ ମିଳେ ବୋଲି ଅନେକ ମତ ଦେଇଥାନ୍ତି।

✲ ପିମ୍ପୁଡ଼ିକୁ ମିଠା ଖାଇବାକୁ ଦେଲେ ସୁଖ-ସମୃଦ୍ଧି ବୃଦ୍ଧିର ସୂଚନା ମିଳିଥାଏ।

✲ ପିତୃଦୋଷରୁ ମୁକ୍ତି ପାଇବାକୁ ଚାହୁଁଥିଲେ, ନିୟମିତ କାଉକୁ ଖାଇବାକୁ ଦେବା ଶୁଭ ବୋଲି ଲୋକବିଶ୍ୱାସ ରହିଛି।

✲ କୁକୁରକୁ ଖାଇବାକୁ ଦେଲେ ଜୀବନରେ ସୁରକ୍ଷାର ପରିଧି ବୃଦ୍ଧିପାଏ ବୋଲି ବିଶ୍ୱାସ କରାଯାଏ।

✲ ମାଛକୁ ନିୟମିତ ଖାଇବାକୁ ଦେଲେ ଆର୍ଥିକ ଅଭିବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

✲ ବିଲେଇକୁ ଖାଇବାକୁ ଦେଲେ ଘରୁ ନକରାତ୍ମକ ପ୍ରଭାବ ଦୂର ହୁଏ ବୋଲି ବିଶ୍ୱାସ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୧-୨୭, ୨୦୨୫

**ମେଷ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବନ୍ଧୁଙ୍କ ସହାନୁଭୂତି, ସମସ୍ୟା ସମାଧାନ, ପାରିବାରିକ ଶାନ୍ତି, ସହକର୍ମୀଙ୍କ ସହଯୋଗ, କଳାସାହିତ୍ୟରେ ପ୍ରଶଂସା, ନୂତନ ସମ୍ପର୍କ ସୃଷ୍ଟି, ବାଣିଜ୍ୟ ବ୍ୟବସାୟର ଅଭିବୃଦ୍ଧି, ସନ୍ତାନବର୍ଗରେ ଉନ୍ନତି, ଶୁଭଖବର ପ୍ରାପ୍ତି ॥

**ବୃଷ**
ପାରିବାରିକ ସମସ୍ୟା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଘର କାମରେ ଅବହେଳା, ପଦମର୍ଯ୍ୟାଦା ବୃଦ୍ଧି, ପ୍ରଶାସନିକ ସଫଳତା, ନିର୍ମାଣରେ ଦ୍ୱନ୍ଦ୍ୱ, ଉଦ୍ୟମ ନିଷ୍ଫଳ ହେବ ନାହିଁ, ଦୂରଯାତ୍ରାରେ ସମସ୍ୟା, ବୀମା ଧନ ପ୍ରାପ୍ତି ॥

**ମିଥୁନ**
ଆରୋଗ୍ୟ ଲାଭ, ବିବାଦରେ ବିଜୟ, ପ୍ରିୟଜନଙ୍କ ସାନ୍ନିଧ୍ୟ, ଅର୍ଥପ୍ରାପ୍ତିରେ ବାଧା, ଯାନ୍ତ୍ରିକ ଜିନିଷର ମରାମତି, ବନ୍ଧୁଙ୍କ ମତାନ୍ତର, ପାରିବାରିକ ସହଯୋଗ, ପୁଞ୍ଜିନିବେଶରେ ଲାଭ, ମାଙ୍ଗଳିକ କାମର ଯୋଜନା, ଚକ୍ଷୁରୋଗରେ ପୀଡା ॥

**କର୍କଟ**
ମାନସିକ ଅସ୍ଥିରତା, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ଝଗଡାର ସମାଧାନ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହ ସୁସମ୍ପର୍କ ରହିବ, ଜନହିତକର କାର୍ଯ୍ୟ, ଚଳଚ୍ଚିତ୍ରରେ ବିବାଦ, ପାରିବାରିକ ସମସ୍ୟା ॥

**ସିଂହ**
କର୍ମକ୍ଷେତ୍ରରେ ଗୌରବ, ଦୂରଯାତ୍ରାର ପରିକଳ୍ପନା, ସଙ୍ଗୀତ ସାଧନାରେ ରୁଚି, ପାରିବାରିକ ଶାନ୍ତି, ବ୍ୟୟ ବୃଦ୍ଧିର ଅନୁଚିନ୍ତା, କାରବାରରେ ବାଧା, ସାମ୍ବାଦିକତାରୁ ଗୌରବ, କଠିନ ଶ୍ରମରୁ ଶରୀର ପୀଡା ॥

**କନ୍ୟା**
ସାମାଜିକ ସମ୍ମାନ, ବନ୍ଧୁଙ୍କ ପ୍ରୋତ୍ସାହନ, ଏଜେନ୍ସିପ୍ର ପ୍ରସାର ବୃଦ୍ଧି, ସାଂଗଠନିକ ସଫଳତା, ପ୍ରଶାସନିକ ସମସ୍ୟା, ଆଇନ ସହାୟତାପ୍ରାପ୍ତି, ନିର୍ମାଣରେ ବାଧା, ସଭାସମିତିକୁ ନିମନ୍ତ୍ରଣ, ସାହିତ୍ୟକୃତିରୁ ସମ୍ମାନ, ପାରିବାରିକ ଶାନ୍ତି ॥

**ତୁଳା**
ପାରିବାରିକ କଳହ, ପୁରାତନ ରୋଗରେ ପୀଡା, ନୂତନ ଗୃହାରମ୍ଭ, ଯାତ୍ରାରେ କାର୍ଯ୍ୟହାନି, ଲୋକସମ୍ପର୍କ ବୃଦ୍ଧି, ଆନୁଷ୍ଠାନିକ କର୍ମ ତତ୍ପରତା, ବନ୍ଧୁଙ୍କ ପ୍ରେରଣା, ମନୋରଞ୍ଜନ କାର୍ଯ୍ୟକ୍ରମରେ ରୁଚି, ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ଶିକ୍ଷାରେ ସଫଳତା, ଋଣ ପରିଶୋଧ ॥

**ବିଛା**
ଆନୁଷ୍ଠାନିକ ସମ୍ମାନ, ହିତୈଷୀ ବନ୍ଧୁଙ୍କ ସାହାଯ୍ୟ, ଘରୋଇ କଳହର ସମାଧାନ, ସଭାସମିତିକୁ ନିମନ୍ତ୍ରଣ, ବ୍ୟବସାୟିକ ଉତ୍କର୍ଷତା, କର୍ମଜଞ୍ଜାଳ ବୃଦ୍ଧି, ଅର୍ଥସଂକଟରୁ ଦୁଶ୍ଚିନ୍ତା, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଯାତ୍ରା ସ୍ଥଗିତ ରହିବ, ଚାକିରୀ ଅଫର୍ ପାଇପାରନ୍ତି ॥

**ଧନୁ**
କର୍ମଦକ୍ଷତାର ପ୍ରଶଂସା, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନର ସୁଯୋଗ, ଗୃହ ପରିବର୍ତ୍ତନର ଚିନ୍ତା, ମୂଲ୍ୟବାନ ଦ୍ରବ୍ୟପ୍ରାପ୍ତି, କ୍ରୀଡା ନୈପୁଣ୍ୟତା, ରାଜନୈତିକ ପୃଷ୍ଠପୋଷକତା, ବନ୍ଧୁଙ୍କ ଅଭିଯୋଗ, ପାରିବାରିକ ସହଯୋଗ ॥

**ମକର**
ଆତ୍ମୀୟଙ୍କ ହତାଦାର, ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ପ୍ରୋତ୍ସାହନ, ଜମିଜମା ଚୁକ୍ତିପତ୍ର, ଅର୍ଥସଂକଟର ସମାଧାନ, ବନ୍ଧୁଙ୍କ ଆକ୍ଷେପୋକ୍ତି, ବିଳାସପ୍ରିୟ ହେବେ, ଧର୍ମ ସଂକଟରେ ପଡିବେ, ଯାନବାହନରେ ତ୍ରୁଟି, ପାରିବାରିକ ସମର୍ଥନ ॥

**କୁମ୍ଭ**
ସ୍ୱାସ୍ଥ୍ୟହାନିରୁ ଦୁଃଶ୍ଚିନ୍ତା, ପରିବାରରେ କଳହ, ବାଦବିବାଦରୁ ମନସ୍ତାପ, ଗୁରୁଜନଙ୍କ ପରାମର୍ଶ, ନୂତନ ଯୋଜନାରମ୍ଭ, ଆଇନ ସହାୟତାପ୍ରାପ୍ତି, ସତ୍ସଙ୍ଗରୁ ଶାନ୍ତି, ତୀର୍ଥାଟନର ଯୋଜନା, ସମସ୍ୟାର ସମାଧାନ ॥

**ମୀନ**
ମାନସିକ ଅସ୍ଥିରତା, ଅନ୍ୟମନସ୍କତାରୁ ସମସ୍ୟା, ଭୁଲ୍ ବୁଝାମଣାରୁ କଳହ, ବନ୍ଧୁଙ୍କ କାର୍ଯ୍ୟରେ ଅଶାନ୍ତି, ବିଳାସବ୍ୟସନର ସୁଯୋଗ, ଶୁଭକର୍ମ ସମ୍ପାଦନ, ବ୍ୟବସାୟରେ ଲାଭ, ଅର୍ଥସମ୍ପଦ ପ୍ରାପ୍ତି, ପାରିବାରିକ ସୌହାର୍ଦ୍ଦ୍ୟତା, ଋଣ ପରିଶୋଧ ॥

# ସୁପରଫୁଡ୍ ସିକ୍ରେଟ୍

ଏମିତି କିଛି ବିଶେଷ ଫଳମୂଳ ତଥା ମସଲାଦ୍ରବ୍ୟ ରହିଛି, ଯାହାକୁ ଖାଇଲେ ଶରୀରକୁ ଅନେକ ସୁଫଳ ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି। ସେଥିପାଇଁ ଏହାକୁ ସୁପରଫୁଡ୍ ବୋଲି ଅନେକ କହିଥାନ୍ତି। ଯେମିତିକି- ✲ ଥକ୍କାପଣ ଦୂର କରିବାରେ ପାଚିଲା କଦଳୀ ବେଶ୍ ସହାୟକ ହୋଇଥାଏ। ନିୟମିତ ଗୋଟିଏ ଲେଖାଏ ପାଚିଲା କଦଳୀ ଖାଇଲେ ଶରୀରକୁ ଏନର୍ଜି ମିଳେ ବୋଲି ବିଶ୍ୱାସ କରାଯାଏ। ✲ ପାଚନକ୍ରିୟାକୁ ସକ୍ରିୟ କରିବାରେ ଅଦା ରସ ବହୁତ କାମରେ ଆସିଥାଏ। ✲ କେଶକୁ ମଜଭୁତ କରିବାରେ ଚିନାବାଦାମ, ପେସ୍ତାବାଦାମ ଖାଇବା ଲାଭକାରୀ ହୋଇଥାଏ। ✲ ସାମାନ୍ୟ ଖଟା ଜାତୀୟ ଫଳ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ✲ ତ୍ୱଚା ସମ୍ବନ୍ଧୀୟ କିଛି ସମସ୍ୟା ଥିଲେ କାକୁଡ଼ି ଖାଇବା ଉପକାରୀ



ହୋଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି। ✲ ମେଥିଦାନା ଖାଇଲେ ମଧୁମେହ ରୋଗରୁ କେତେକାଂଶରେ ମୁକ୍ତି ମିଳିଥାଏ। ✲ ଆଖି ସମସ୍ୟା ପାଇଁ ନିୟମିତ ଗାଜର ଖାଇବା ଉତ୍ତମ। ✲ ତରଭୁଜ ଖାଇଲେ ଶରୀର ହାଇଡ୍ରେଟ୍ ରହେ। ✲ ସେହିପରି କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବା ପାଇଁ ରସୁଣ ଖାଇବା ବିଧେୟ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

✲ ଗାଁ ସାରା ପେସାରେ କୁମ୍ଭକାର, କିନ୍ତୁ ନିଶାରେ ଜଣେ ଜଣେ କଳାକାର। କଳା କାରିଗରିର ଅପୂର୍ବ ସମନ୍ୱୟର ଏହି ଗାଁ ହେଉଛି ମୁଦୁଲି ସାହି। ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା 'କଳା କାରିଗରି ଗାଁ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ସୁନ୍ଦର ହୋଇଥିଲା। 'ରଙ୍ଗ ଅନୁଯାୟୀ ଫଳ ଓ ପନିପରିବାର ମହତ୍ତ୍ୱ', 'ଫିଙ୍ଗିକିରିର ବାସ୍ତୁ ଉପକାରୀ ଗୁଣ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*– ରୋଶନ ଦାସ, ପୁରୀ*

✲ ମୁଦୁଲିସାହି ଗାଁର ପ୍ରାୟତଃ ସବୁଲୋକ କଳା କାରିଗରି ଭିତରେ ଜୀବନଯାପନ କରନ୍ତି। ଏହି ଗାଁର ଲୋକେ କୁମ୍ଭକାର ସମ୍ପ୍ରଦାୟର ହେଲେ ବି ସେମାନଙ୍କ ଅବସର ସମୟ କଟେ ବିଭିନ୍ନ ବାଦ୍ୟଯନ୍ତ୍ର ବାଦନ ସହିତ ପାରମ୍ପରିକ ଲୋକନୃତ୍ୟ କରିବାରେ। ଏହି ଗାଁର କଳାସଂସ୍କୃତି, ଚାଲିଚଳଣ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ବହୁ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସ୍ୱପ୍ନମୟୀ ପ୍ରଧାନ, ପାରାଦୀପ*

✲ 'ଓଡ଼ିଶାର କେନାଲ ମ୍ୟାନ୍- ପଦ୍ମଶ୍ରୀ ଦୈତାରି ନାଏକ'ଙ୍କ ଜୀବନ କାହାଣୀ ବି ବେଶ୍ ପ୍ରେରଣାଦାୟୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଓ୍ୱିଣ୍ଟର ସ୍କର୍ଟ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ନୋବେଲ ବିଜୟୀ ଗ୍ରାବିଏଲ ଗାର୍ସିଆ ମାର୍କ୍ୱେଜ ଓ ମେର୍ସେଡେସ ବାଚାରଙ୍କ ପ୍ରେମକାହାଣୀ ପଢ଼ିବାକୁ ବି ଖୁବ୍ ମଜା ଲାଗୁଥିଲା।

*– ସୁଶ୍ରୀ ସଙ୍ଗୀତା, ରାଉରକେଲା*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ବେପାର' ଶୀର୍ଷକ ଗପଟି ହୃଦୟଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଭୁଲନ୍ତି ନାହିଁ ତ୍ରିପ୍ତି', 'ରାଜି ହେଲେ ଦୀପିକା' ଆଦି ପାଠର ଉପସ୍ଥାପନା ଶୈଳୀ ମଜାଦାର ଥିଲା। ଗାଳ୍ପିକା ଦେବଦିପ୍ତା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ମନଛୁଆଁ ହୋଇଥିଲା।

*–ପ୍ରୀତମ ସ୍ୱାଇଁ, ଝାରସୁଗୁଡ଼ା*

✲ 'ଫୁଟବଲରଙ୍କ ଅଜବ ହେୟାର ଷ୍ଟାଇଲ୍' ପାଠଟି ସତରେ ଅଜବ ଥିଲା। 'ଶିଶୁପାଳଗଡ଼' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ସହର ପୃଷ୍ଠାରୁ 'ଆସାମର ନଦୀ ଦ୍ୱୀପ ମାଜୁଲି' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। 'ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ଥିଲା।

*– ରୂପଶ୍ୱେତା ମହାନ୍ତି, ବଲାଙ୍ଗୀର*

✲ ଏଥରର ବ୍ୟଙ୍ଗ 'ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ' ଶୀର୍ଷକ ପାଠଟି ଖୁବ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମୁଭିଂ ହୋଟେଲ', 'କ୍ୟାଟ୍ ଲଭରଙ୍କ ପାଇଁ', 'ସେକ୍ସପିୟର ଟିସ୍ୟୁ ପେପର୍ ବକ୍ସ' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ଧରଣୀଧର ଚୌଧୁରୀ, ପିପିଲି*

## ବିଶେଷ ଚିଠି



କଳା କାରିଗରି ଗାଁ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ।
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ଲାଇଫ୍ ଷ୍ଟାଇଲରେ ଥିଲା ଓ୍ୱିଣ୍ଟର ସ୍କର୍ଟ
ମନ କିଣି ନେଉଥିଲା ପୁଣି
ଫୁଟବଲରଙ୍କ ଅଜବ ହେୟାର୍ କଟ୍।
ସହର, ସିନେମାର କଥା ନିଆରା
ସାଥୀର ଉତ୍ତର ଦେଲା ନୂଆ ଇସାରା।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ସର୍ବଦା ଭିନ୍ନ।

*– ଅତସୀ ସାହୁ, ଯାଜପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମାଣିଆବନ୍ଧ

**ମାଣିଆବନ୍ଧ ଶାଢି ସହ ହିନ୍ଦୁ ଓ ବୌଦ୍ଧ ସଂସ୍କୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳୁଥିବା ଏମିତି ଏକ ଗାଁ ଯାହାର ନାଁ ମାଣିଆବନ୍ଧ...**



ଅଶି ଦଶକ ବା ତା'ପୂର୍ବରୁ ଓଡ଼ିଶାର ଘରେ ଘରେ ଗୋଟିଏ ଅତି ପରିଚିତ, ଅତି ପ୍ରିୟ ଶାଢି ଭିତରେ ଗୋଟିଏ ନାଁ ଥିଲା ମାଣିଆବନ୍ଧ ଶାଢି। ମଧ୍ୟବର୍ଗର ହୁଅନ୍ତୁ କି ଉଚ୍ଚବର୍ଗର ଏମିତି କୌଣସି ମହିଳା ପ୍ରାୟତଃ ନ ଥିଲେ, ଯାହାଙ୍କ ପାଖରେ ଏ ଶାଢି ନ ଥିଲା। ଡିଜାଇନ୍‌ରେ ଯେମିତି ସୁନ୍ଦର ପିନ୍ଧିବାକୁ ବି ସେମିତି ଆରାମଦାୟକ ଥିଲା। ଏହାଛଡ଼ା ଏହାର ଲୋକପ୍ରିୟ ହେବାର ଆଉ ଏକ ବଡ କାରଣ ଥିଲା ଦୀର୍ଘଦିନ ଧରି ବ୍ୟବହାର ପରେ ବି ଏ ଶାଢିର ରଙ୍ଗ ସହଜରେ ଖରାପ ହେଉ ନ ଥିଲା। ଯେଉଁଥିପାଇଁ ଏ ଶାଢି କେବଳ ଓଡ଼ିଶା ନୁହେଁ ଓଡ଼ିଶା ବାହାରେ ବି ବେଶ୍ ଲୋକପ୍ରିୟ ହୋଇଗଲା। ଯାହା ଆଜି ବି ତା'ର ଲୋକପ୍ରିୟତାର ଧାରା ଜାରି ରଖିବା ସହ ଆଗକୁ ବଢିଚାଲିବା ସହ ଡିଜାଇନର୍‌ମାନଙ୍କର ବି ପସନ୍ଦର ଶାଢ଼ି ହୋଇପାରିଛି।

**ଶାଢି ପାଇଁ ପ୍ରସିଦ୍ଧ ଗାଁ:** କଟକ ଜିଲା ବଡ଼ମ୍ବା ବ୍ଲକର ବଣଜଙ୍ଗଲ ପାହାଡ ଭିତରେ ଅଛି ଏହି ଗାଁ, ଯାହାର ନାଁ ମାଣିଆ ବନ୍ଧ। ମାଣିଆବନ୍ଧ ଶାଢି ପାଇଁ ବିଶ୍ୱ ପ୍ରସିଦ୍ଧ ଏହି ଗାଁର ଅଧିକାଂଶଲୋକ ବୁଣାକାର ସମ୍ପ୍ରଦାୟର। ଅବିଭକ୍ତ ମାଣିଆବନ୍ଧ ଅଞ୍ଚଳରେ ପ୍ରାୟ ୧୮ଶହ ପରିବାରର ପାଖାପାଖି ୮ହଜାର ବୁଣାକାର ରହିଛନ୍ତି। କୌଳିକ ବୃତ୍ତି ହିସାବରେ ସେମାନେ ବାପା ଜେଜେଙ୍କ ଅମଳରୁ ଶାଢି ପ୍ରସ୍ତୁତ କରୁଥିଲେ। ଆଉ ଆଜି ବି ଏହା ତାଙ୍କ ପରିବାର ପ୍ରତିପୋଷଣର ମୁଖ୍ୟ ମାଧ୍ୟମ ହୋଇ ରହିଛି। ମାଣିଆବନ୍ଧ ଶାଢି ବ୍ୟତିତ ଏହି ଗାଁ ପାଖରେ ରହିଛି ବହୁ ପର୍ଯ୍ୟଟନସ୍ଥଳ। ପର୍ଯ୍ୟଟକ ଏହି ଗାଁକୁ ଆସିଲେ ଦେଖିପାରିବେ ଅନେକ ହିନ୍ଦୁ ଦେବଦେବୀଙ୍କ ମନ୍ଦିର, ପ୍ରାଚୀନ ବୌଦ୍ଧ ମନ୍ଦିର, ଅତ୍ୟାଧୁନିକ ବୁଦ୍ଧବିହାର, ଅତୀତର ନାଗାଗୁମ୍ଫା, ଖଇରାଗ ଭଗ୍ନ ସ୍ତୂପ ଇତ୍ୟାଦି।

**ଏହି ଗାଁର ଇତିହାସ :** ମଣିବୁଦ୍ଧ କିମ୍ବା ମଣିବନ୍ଧରୁ କାଳକ୍ରମେ ଅପ୍ରଭଂଶ ହୋଇ ମାଣିଆବନ୍ଧ ନାମ ଆସିଛି ବୋଲି ଗବେଷକମାନେ କୁହନ୍ତି। ପ୍ରାଚୀନ ହସ୍ତତନ୍ତ ବୟନ କଳା ଏ ମାଟିର ପରିଚୟ ସୃଷ୍ଟି କରିଥିବା ବେଳେ ଏଠାକାର ଜନସାଧାରଣଙ୍କର ଜୀବନ ଶୈଳୀ, ଧର୍ମ, ସଂସ୍କୃତି, କଳା ଓ କାରିଗରି ମଧ୍ୟରେ ସମନ୍ୱୟ ଦେଖିବାକୁ ମିଳେ। ହିନ୍ଦୁ ଓ ବୌଦ୍ଧଧର୍ମର ଏକତା ଏବଂ ଭାଇଚାରାରେ ଏହି ଗାଁ ସମୃଦ୍ଧ। ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମର ଲୋକ ଏଠାରେ ବସବାସ କରୁଥିବାବେଳେ ସେମାନଙ୍କ ଭିତରେ ସମ୍ପର୍କ ବି ଖୁବ୍ ସୁନ୍ଦର। ଚାଇନା ପରିବ୍ରାଜକ ହୁଏନ୍‌ସା ଆସିଛନ୍ତି ଏହି ଗାଁକୁ। ଦୁଇଧର୍ମର ଇତିହାସ ଓ ସାହିତ୍ୟର ମହକ ବି ମିଳିଥାଏ ଏହି ମାଟିରେ। ପରସ୍ପରର ଧର୍ମକୁ ବେଶ୍ ସମ୍ମାନ ଦେଉଥିବା ଏହି ଗାଁର ପ୍ରାୟ ସବୁଲୋକ ବୁଣାକାର ସମ୍ପ୍ରଦାୟର।

**ସର୍ବ ପୁରାତନ ତନ୍ତବାୟ ସହଯୋଗ ସମିତି :**
ଜିଲାର ସର୍ବ ପୁରାତନ ତନ୍ତବାୟ ସହଯୋଗ ସମିତି ମାଣିଆବନ୍ଧରେ ନିଜ ଗ୍ରାମ ନାମରେ ପ୍ରତିଷ୍ଠା ହୋଇ ବୁଣାକାର ପରିବାରର ବିକାଶରେ ସହାୟକ ହୋଇଛି। ୧୯୪୮ ଅଗଷ୍ଟ ୧୯ ତାରିଖରେ ଏହା ପ୍ରତିଷ୍ଠା ହୋଇ ସେବେଠାରୁ କାର୍ଯ୍ୟକ୍ଷମ ଅଛି। ଏହା ମଧ୍ୟ ଅବିଭକ୍ତ କଟକ ଜିଲାର ସର୍ବ ପ୍ରଥମ ତନ୍ତବାୟ ବୁଣାକାର ସମିତି। ମାଣିଆବନ୍ଧ ଅଞ୍ଚଳର ସମୁଦାୟ ପ୍ରାୟ ୯୦ ପ୍ରତିଶତ ଜନସାଧାରଣ ବୟନ କଳାକୁ ନିଜର ଜୀବନ ଜୀବିକା ଭାବେ ଗ୍ରହଣ କରିଛନ୍ତି। ଯାହା ବଂଶାନୁକ୍ରମେ ଆଜିଯାଏ ଚାଲି ଆସିଛି। ଏହି ଅଞ୍ଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବୁଣାକାର ସମିତି କାର୍ଯ୍ୟକ୍ଷମ ଥିବା ଜଣାଯାଏ। ସେହିପରି କୁଶଳୀ ବାନ୍ଧଶିଳ୍ପୀ ସ୍ୱର୍ଗତ ଶ୍ୟାମସୁନ୍ଦର କରଣଙ୍କୁ ଜାତୀୟସ୍ତରରେ ସନ୍ଥକବୀର ସମ୍ମାନ ସହ ରାଜ୍ୟ ପୁରସ୍କାର ଏବଂ ଦେବରାଜ ଦେବତାଙ୍କୁ ଜାତୀୟ ମେଧା ପୁରସ୍କାର ସହ ରାଜ୍ୟ ପୁରସ୍କାର, ଭାସ କରଣ ଓ ସ୍ନେହଲତା ପାତ୍ରଙ୍କୁ ରାଜ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି।

**ମାଣିଆବନ୍ଧ ଶାଢ଼ିର ସ୍ୱତନ୍ତ୍ରତା :** ଟାଇ ଆଣ୍ଡ ଡାଏ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଏହି ଶାଢି ପ୍ରସ୍ତୁତି ପୂର୍ବରୁ ସୂତାକୁ ରଙ୍ଗ କରାଯାଇ ବୁଣାଯାଇଥାଏ। ମାଣିଆବନ୍ଧ ଦୁଇଟି ନାଁର ମିଶ୍ରଣ। ପ୍ରଥମଟି ହେଉଛି 'ମଣି' ଅର୍ଥ 'ରତ୍ନ' ଏବଂ ଦ୍ୱିତୀୟରେ 'ବାନ୍ଧ' ଅର୍ଥ 'ବାନ୍ଧିବା'। ସୁତା ବାନ୍ଧିବାର ଏକ ସୁନ୍ଦର କଳା ହେଉଛି ମାଣିଆବନ୍ଧ ଶାଢିର ପ୍ରକୃତ ଅର୍ଥ। ଯାହାର ଡିଜାଇନ୍ ଭିତରେ ହାତୀ, ଶଙ୍ଖ, ରୁଦ୍ରାକ୍ଷ ମାଳୀ ଏବଂ ଟେମ୍ପୁଲ ବର୍ଡର ଯାହାସଂସ୍କୃତି ଓ ବିଶ୍ୱାସର ସମିଶ୍ରଣ। ଖୁବ୍ ପ୍ରାଚୀନ ଏହି ଶାଢିର ଇତିହାସ। ଯାହା ଓଡ଼ିଆ ସାହିତ୍ୟର ଜନକ ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ଛ'ମାଣ ଆଠଗୁଣ୍ଠ' ଓ ପେଟେଣ୍ଟ ମେଡିସିନ୍‌ରେ ମାଣିଆବନ୍ଧୀ ଶାଢ଼ିର ବର୍ଣ୍ଣନା ତଥା ଏଠାକାର ବୟନ ହସ୍ତକଳାର ପ୍ରାଚୀନତାକୁ ପ୍ରମାଣିତ କରିଆସୁଛି।

ମାଣିଆବନ୍ଧ ଶାଢି ପାଇଁ ବବିନି କାରିଗର, ରଙ୍ଗ କାରିଗର, ବାନ୍ଧବନ୍ଧା କାରିଗର, ଡ୍ରମ କାରିଗର ଓ ତନ୍ତବୁଣା କାରିଗର ଭାବରେ ପାଞ୍ଚୋଟି ଭିନ୍ନ ଗୋଷ୍ଠୀ କାର୍ଯ୍ୟ କରନ୍ତି। ଫଳରେ ଅଳ୍ପ ସମୟରେ ଅଧିକ ଶାଢ଼ି ପ୍ରସ୍ତୁତି ହେଉଥିବାରୁ ଶାଢ଼ିର ଦାମ୍ କମ୍ ରହିଥାଏ। ସାରା ଭାରତବର୍ଷରେ ଯୋଡ଼ି ବୁଣା ହେଉଥିବା ବେଳେ ଏଠାରେ ଯୋଡ଼ିଫିଟା ବୁଣା ହୁଏ। ଫଳରେ ପ୍ରଥମେ ଶାଢ଼ିଟି ପତଳା ଦେଖାଯାଉଥିଲେ ମଧ୍ୟ ଧୋଇଦେବା ପରେ ଏହା ବହଳା ଦେଖାଯାଏ। →








**ଶାଢ଼ିର ପ୍ରକାର ଭେଦ**

ଏଠାରେ ଖଣ୍ଡୁଆ, ରଙ୍ଗଶାଢ଼ି, ବଉଳପାଟ, ଯୋ ଚୂଡ଼ି, ପାଇପିନ ଆଦି ଶାଢ଼ି ଉତ୍ପାଦନ କରାଯାଉଥିବା ବେଳେ ଏବେ ଦେହବାନ୍ଧ, ସ୍କଟ ରେଖ, ଖଣ୍ଡୁଆ, ବୁଟି, ଝରଣା, କାରଗିଲ, ଥ୍ରୀଡି, ସେଭେନଷ୍ଟିନ, କମ୍ପୁଟର ଆଦି ବହୁ ନୂତନ ଡିଜାଇନର ଶାଢ଼ି ତିଆରି କରାଯାଉଛି। ଗୋଟିଏ ଦେହବାନ୍ଧ ଶାଢ଼ିରେ ସୂତା, ବାନ୍ଧ, ରେଶମ, ରଙ୍ଗ, ବବିନି, ଡ୍ରମ ଓ ବଅପାନିଆ କାର୍ଯ୍ୟ କରିବା ପାଇଁ ଏକ ହଜାର ଖର୍ଚ୍ଚ ହେଉଥିବା ବେଳେ ୧୫ଶହ ଟଙ୍କାରେ ବିକ୍ରି ହୁଏ। ଗୋଟିଏ ଶାଢ଼ି ବୁଣିବା ପାଇଁ ୮ଘଣ୍ଟା ସମୟ ଲାଗେ। ଯୋଡ଼ିସିଂହ ଶାଢି ପ୍ରାୟ ୭୦୦୦ଟଙ୍କା। ଏଠାକାର ଶାଢିଗୁଡ଼ିକ ୧୫୦୦ଟଙ୍କାରୁ ଆରମ୍ଭ ହୋଇ ୧୦,୦୦୦ ପର୍ଯ୍ୟନ୍ତ ବିକ୍ରି ହୁଏ।

**ହସ୍ତତନ୍ତ କାର୍ଯ୍ୟ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି– ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ହସ୍ତତନ୍ତ କାରିଗର ଦେବରାଜ ଦେବତା**

ଘରେ ଜେଜେବାପା, ବାପା କୌଳିକ ବୃତ୍ତି ଭାବେ ସୂତା ମାଧ୍ୟମରେ ବିଭିନ୍ନ ପ୍ରକାର ମାଣିଆବନ୍ଧ ଶାଢ଼ି ଓ ଯୋଡ଼ ତିଆରି କରୁଥିଲେ। ସେ ସମୟରେ ବାନ୍ଧରେ ରେଖାଙ୍କିତ ଚିତ୍ର ପ୍ରସ୍ତୁତ ହେଉଥିଲା। ହେଲେ ତାଙ୍କର ଇଚ୍ଛା ଥିଲା ବାନ୍ଧରେ ଗୋଲାକୃତି ଜୀବଜନ୍ତୁ ସହ ପଦ୍ମ ଫୁଲ ଆଦି ନମୁନା ପ୍ରସ୍ତୁତ କରି ଶାଢ଼ିକୁ ଅଧିକା ଆକର୍ଷଣୀୟ କରିବା। ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କଲେ ଏବଂ ଜାତୀୟ ଓ ରାଜ୍ୟସ୍ତରରେ ବାନ୍ଧ କଳାର ଉନ୍ନତି କରି ବାନ୍ଧଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କଲେ। ସେ ହେଲେ ମାଣିଆବନ୍ଧର ବିଶିଷ୍ଟ ବାନ୍ଧଶିଳ୍ପୀ ଦେବରାଜ ଦେବତା। ଜନ୍ମ ୧୯୬୧ ମସିହାରେ। ମାତା ସ୍ୱର୍ଗତ ଝୁଲଣ ଦେବୀ ଓ ପିତା ନୀଳମଣି ଦେବତା। ସେ କୁହନ୍ତି, ନୂତନ ଓ ପୁରାତନ ଶୈଳୀର ମିଶ୍ରଣରେ ସେ ମାଣିଆବନ୍ଧ ଶାଢ଼ିକୁ ଆଧୁନିକ ରୂପ ଦେଇଛନ୍ତି। ଶିଶିର ସରସ ମେଳା, ସୂରୁଜ କୁଣ୍ଡ ମେଳା ଆଦି ବଡ଼ ବଡ଼ ପ୍ରଦର୍ଶନୀରେ ସେ ଅଂଶ ଗ୍ରହଣ କରି ମାଣିଆବନ୍ଧ ଶାଢ଼ିକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ କରାଇପାରିଛନ୍ତି। ତାଙ୍କ ମତରେ–ଯଦି ଏଠାକାର ଯୁବ ବୁଣାକାରମାନେ ଚାକିରି ପଛରେ ନ ଗୋଡ଼ାଇ ଘରେ ମାଣିଆବନ୍ଧ ଶାଢ଼ି ବୁଣିବେ, ପେଟ ଅପୋଷା ରହିବ ନାହିଁ। ହସ୍ତତନ୍ତ ଶିଳ୍ପ ସହ ମୁଁ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ହୋଇ ଆଜକୁ ପ୍ରାୟ ୫୨ବର୍ଷ ଧରି ବିଭିନ୍ନ କିସମର ହସ୍ତତନ୍ତ କାର୍ଯ୍ୟ କରିଆସୁଛି। ଏହି ଶିଳ୍ପ ମୋତେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ୨୦୦୯ରେ ରାଜ୍ୟ ସରକାର ଓ ୨୦୧୫ରେ କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ହୋଇଛି। ଏହି ଶିଳ୍ପକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଅବିଭକ୍ତ ମାଣିଆବନ୍ଧ ଓ ଆଖପାଖ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ତନ୍ତ, ବାନ୍ଧ ଓ ରଙ୍ଗକାମ ଆଦି ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି। ଶେଷ ଜୀବନ ପର୍ଯ୍ୟନ୍ତ ଏହି ଶିଳ୍ପ ସହ ଜଡ଼ିତ ରହିବି।

**ହସ୍ତତନ୍ତ ସମସ୍ତଙ୍କୁ ରୋଜଗାରକ୍ଷମ କରାଇପାରିଛି–ଅରକ୍ଷିତ ସ୍ୱାଇଁ, ବୁଣାକାର**

୧୯୮୦ ମସିହାରୁ ମୁଁ ହସ୍ତତନ୍ତ ଶାଢ଼ି ପ୍ରସ୍ତୁତ କରିଆସୁଛି। କେବଳ ମୁଁ ନୁହେଁ ଆମେ ସାରା ପରିବାରର ସମସ୍ତ ସଦସ୍ୟ ମିଳିମିଶି ଏହି କାର୍ଯ୍ୟ କରୁଛୁ। ଭଲ ଲାଗୁଛି ଆଉ ପରିବାର ଚଳାଇବାରେ ଆମର ସମସ୍ୟା ବି ନାହିଁ। କେବଳ ଆମ ପରିବାର ନୁହେଁ ହସ୍ତତନ୍ତ ଶିଳ୍ପ ଆମ ଅବିଭକ୍ତ ମାଣିଆବନ୍ଧ ଅଞ୍ଚଳର ବହୁ ଜନସାଧାରଣଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି। ଆଗ ଅପେକ୍ଷା ଏହି ଶାଢିର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁଥିପାଇଁ ଆଜିର ଯୁବପିଢ଼ି ବି ଚାକିରି ପଛରେ ନ ଗୋଡେଇ ଶାଢି ପ୍ରସ୍ତୁତ କରୁଛନ୍ତି। ଆଗକୁ କ୍ରେତା ବିକ୍ରେତା ସମ୍ମିଳନୀ କରି ହସ୍ତତନ୍ତ ଶିଳ୍ପର ପ୍ରଚାର ପ୍ରସାର କରିବା, କେନ୍ଦ୍ରୀୟ କ୍ଲଷ୍ଟର ଯୋଜନାରେ ମାଣିଆବନ୍ଧଠାରେ ପଡ଼ିରହିଥିବା ଅର୍ଦ୍ଧ ନିର୍ମିତ ବୁଣାକାର ହାଟ ପୂର୍ଣ୍ଣାଙ୍ଗ କରାଯିବା ପାଇଁ ମୋର ମତ ଯାହା ବୁଣାକାରମାନଙ୍କୁ ଅଧିକ ସୁବିଧା ଦେବ।

**ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ହସ୍ତତନ୍ତ:** ମାଣିଆବନ୍ଧ ଶାଢି ପ୍ରସ୍ତୁତି ପାଇଁ ପୁରୁଷ ବୁଣାକାରଙ୍କ ସହ ମହିଳାମାନେ ସମାନଭାବେ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି। ସୂତା କାଟିବା, ରଙ୍ଗ କରିବା, ବୁଣିବା ଆଦି ସବୁ କାର୍ଯ୍ୟ ମହିଳାମାନେ ମିଳିମିଶି କରୁଛନ୍ତି। ବିଶେଷକରି ମହିଳାମାନେ ବବିନ, ଅରଟ, ଡ୍ରମ, ଚଉତ, ବାନ୍ଧବନ୍ଧା, ଜରିବନ୍ଧା (ପୂର୍ବରୁ କିଆପତ୍ର ବନ୍ଧା) ରଙ୍ଗ କାମ, ଆଦି ଅନେକ କାର୍ଯ୍ୟରେ ସହଯୋଗ କରନ୍ତି। ସକାଳୁ ଘର କାମ ସାରି ଏହି ସବୁ କାର୍ଯ୍ୟରେ ସହଯୋଗ କରି ଶାଢୀ ପ୍ରସ୍ତୁତ କରନ୍ତି। ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ପ୍ରାପ୍ତ ସ୍ନେହଲତା ପାତ୍ର କୁହନ୍ତି, ମହିଳାମାନେ ଘରକାମ ସହ ଶାଢି ବୁଣୁଥିବାରୁ ଗୋଟିଏ ଶାଢି ବୁଣିବାକୁ ପ୍ରାୟ ୨–୩ ଦିନ ସମୟ ଲାଗିଯାଏ। ଏଠାକାର ପ୍ରାୟ ସବୁ ମହିଳା ଶାଢି ବୁଣୁଥିବାରୁ ରାଜ୍ୟ ସରକାର ଯଦି ମହିଳା ସମିତି କରିପାରନ୍ତେ ତା'ହେଲେ ମହିଳା ବୁଣାକାର ଏ ଦିଗରେ ଅଧିକ ଉପକୃତ ହୋଇପାରନ୍ତେ।

ଦିନେ ଓଡ଼ିଶାରେ ମାଣିଆବନ୍ଧ ଥିଲା ଏକ ଛୋଟିଆ ଗାଁ । ହେଲେ ମାଣିଆବନ୍ଧ ଶାଢି ଆଜି ତାକୁ ବିଶ୍ୱ ଦରବାରରେ ପରିଚିତି ଦେଇଛି।

**– ଅଖିଳ କୁମାର ସାହୁ**





# ଶାଢ଼ି ସହ ଶ୍ରଗ୍



ଶୀତଦିନିଆ ପାର୍ଟି ଫଙ୍କସନ୍‌ରେ ଝିଅମାନେ ସାଧାରଣତଃ ଶାଢ଼ି ପିନ୍ଧିବାକୁ ବେଶୀ ପସନ୍ଦ କରିଥାନ୍ତି। ଆଉ ଥଣ୍ଡାରୁ ମୁକ୍ତି ପାଇଁ ଶାଢ଼ି ଉପରେ ସ୍ୱେଟର୍ ବି ପିନ୍ଧନ୍ତି। ହେଲେ ଶାଢ଼ି ସାଙ୍ଗେ ସ୍ୱେଟର୍ ଲୁକ୍ ସେତେ ଭଲ ମ୍ୟାଚ୍ କରେନି। ଏ କ୍ଷେତ୍ରରେ ଶ୍ରଗ୍ ଭଲ କାମରେ ଆସେ। କାରଣ ଶ୍ରଗ୍ ଏମିତି ଏକ ଆଉଟ୍‌ଫିଟ୍ ; ଯାହା ଲାଇଟ୍ ୱେଟ୍ ଜ୍ୟାକେଟ୍ ପରି କାମ ଦେବା ସହ ଶୀତରୁ ରକ୍ଷା କରିଥାଏ। ବିଶେଷକରି ଶାଢ଼ି ସାଙ୍ଗେ ଏହା ପରଫେକ୍ଟ ମ୍ୟାଚ୍ କରିବା ସହ ସିମ୍ପଲ୍ ଲୁକ୍‌କୁ ଆକର୍ଷଣୀୟ କରିଦିଏ...

**✲ ସିକ୍ୱେନ୍ ୱାର୍କ ଶ୍ରଗ୍:** ଲାଇଟ୍ ୱେଟ୍ ଶାଢ଼ି ସାଙ୍ଗେ ଏହି ଟାଇପ୍‌ର ଶ୍ରଗ୍‌କୁ ଆରାମରେ କ୍ୟାରି କରିହୁଏ। ବିଶେଷକରି ଯେଉଁ ଶାଢ଼ିର ବର୍ଡରରେ ସିକ୍ୱେନ୍ ୱାର୍କ ହୋଇଥାଏ, ତାକୁ ମ୍ୟାଚ୍ କରି ଏହି ଶ୍ରଗ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ। ଇଭିନିଂ ପାର୍ଟି ପାଇଁ ଏହି ଲୁକ୍ ବେଷ୍ଟ ହୋଇଥାଏ।



**✲ ଲେସ୍ ୱାର୍କ ଶ୍ରଗ୍:** ଲେସ୍ ୱାର୍କ ଶାଢ଼ି ସାଙ୍ଗେ ମ୍ୟାଚିଂ କରି ଏହି ଟାଇପ୍‌ର ଶ୍ରଗ୍ ପିନ୍ଧିଲେ ଝିଅମାନଙ୍କୁ ରୟାଲ୍ ଲୁକ୍ ମିଳିଥାଏ। ଏହା ପ୍ରାୟତଃ ଲାଇଟ୍ ୱେଟ୍‌ରେ ଆସୁଥିବାରୁ ଏହାକୁ କ୍ୟାରି କରିବା ବି ସୁବିଧା ହୁଏ। ହାଇହିଲ୍ ସାଙ୍ଗକୁ ଓପନ୍ ହେୟାର୍ ଷ୍ଟାଇଲ୍ ଏବଂ ହାଲ୍‌କା ମେକ୍‌ଅପ୍ ଏହି ଲୁକ୍‌କୁ ପରଫେକ୍ଟ ମ୍ୟାଚ୍ କରିଥାଏ।

**✲ ମିରର୍ ୱାର୍କ ଶ୍ରଗ୍:** ଯେଉଁ ଶାଢ଼ିର ବର୍ଡର୍‌ରେ ମିରର୍ ୱାର୍କ ହୋଇଥିବ ; ତା' ସାଙ୍ଗକୁ ଏହି ଟାଇପ୍‌ର ଶ୍ରଗ୍ ଟ୍ରାଏ କଲେ ଲୁକ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏହା ଝିଅମାନଙ୍କୁ ମଡର୍ଣ୍ଣ ଲୁକ୍ ଦେଇଥାଏ। ହାଲ୍‌କା ମିରର୍ ୱାର୍କ ଜୁଏଲେରୀ ଏବଂ ହାଲ୍‌କା ମେକ୍‌ଅପ୍ ଏହି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ।

**✲ ଏମ୍ବ୍ରୋଡୋରୀ ୱାର୍କ ଶ୍ରଗ୍:** ଲାଇଟ୍ କଲର୍ ଶାଢ଼ି ସାଙ୍ଗେ ଏମ୍ବ୍ରୋଡୋରୀ ୱାର୍କ ଶ୍ରଗ୍ ଖୁବ୍ ସୁନ୍ଦର ମାନିଥାଏ। ଶାଢ଼ିର ବର୍ଡର୍‌ରେ ବି ଯଦି ଏମ୍ବ୍ରୋଡୋରୀ କାମ ହୋଇଥାଏ, ତା'ହେଲେ ତ ଲୁକ୍ ଆହୁରି ଆକର୍ଷଣୀୟ ଲାଗେ। ଏମ୍ବ୍ରୋଡୋରୀ ୱାର୍କ ବାଲା ହାଇହିଲ୍ ଏବଂ ମ୍ୟାଚିଂ ଜୁଏଲେରୀ ଯା' ସାଙ୍ଗକୁ ଭଲ ମାନେ।

**✲ ଭେଲ୍‌ଭେଟ୍ ଶ୍ରଗ୍:** ଏହି ଟାଇପ୍‌ର ଶ୍ରଗ୍ ବି ରୟାଲ୍ ଲୁକ୍ ଦେଇଥାଏ। ସବୁଠୁ ବଡ଼ କଥା ହେଉଛି, ଯେ କୌଣସି ଫାବ୍ରିକ୍‌ର ଶାଢ଼ି ହେଉନା କାହିଁକି, କେବଳ କଲର୍ ମ୍ୟାଚିଂ କରି ଭେଲ୍‌ଭେଟ୍ ଶ୍ରଗ୍ ପିନ୍ଧିଦେଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେବେ ଏହି ଟାଇପ୍‌ର ଶ୍ରଗ୍ ଟ୍ରାଏ କଲାବେଳେ ଯେତେ କମ୍ ଜୁଏଲେରୀ ଓ ହାଲ୍‌କା ମେକ୍‌ଅପ୍ ନେବେ ସେତେ ଭଲ।

**✲ ପ୍ରିଣ୍ଟେଡ୍ ଶ୍ରଗ୍:** ପ୍ରିଣ୍ଟେଡ୍ ଶାଢ଼ି ସାଙ୍ଗକୁ ପ୍ରିଣ୍ଟେଡ୍ ଶ୍ରଗ୍ ଆଉ ତା'ସାଙ୍ଗକୁ ସିଲଭର୍ ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**✲ ଚିକନ୍‌କରୀ ୱାର୍କ ଶ୍ରଗ୍:** ଶାଢ଼ି ଯଦି ସିମ୍ପଲ ଡିଜାଇନ୍‌ର ହୋଇଥାଏ, ତା'ହେଲେ ତା'ସାଙ୍ଗକୁ ଚିକନ୍‌କରୀ ୱାର୍କ ହୋଇଥିବା ଲଙ୍ଗ୍ ଶ୍ରଗ୍ ଟ୍ରାଏ କଲେ ୟୁନିକ୍ ଲୁକ୍ ମିଳେ। ଏହି ଷ୍ଟାଇଲ୍ ସାଙ୍ଗକୁ ଯେତେ କମ୍ ଜୁଏଲେରୀ ଟ୍ରାଏ କରିବେ ସେତେ ଭଲ।

## ଶ୍ରଗ୍‌ର ବିଭିନ୍ନ ଭେରାଇଟି

✲ ବିଭିନ୍ନ ଡିଜାଇନର୍ ସ୍ଲିଭ୍ସରେ ବି ଶ୍ରଗ୍ ଉପଲବ୍ଧ ହୋଇଥାଏ। ତେଣୁ ନିଜ ଲୁକ୍‌କୁ ମାନିଲା ଭଳି ଶ୍ରଗ୍ ବ୍ୟବହାର କରିବା ଆବଶ୍ୟକ।

✲ ଝିଅମାନେ ସିଫନ୍ ଶାଢ଼ି ଅଥବା ଜର୍ଜେଟ୍ ଶାଢ଼ି ସାଙ୍ଗରେ ପ୍ରିଣ୍ଟେଡ୍ ଶ୍ରଗ୍ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ମଧ୍ୟ ପାଇପାରିବେ।

✲ ଲଙ୍ଗ୍ ଶ୍ରଗ୍‌ର ଟ୍ରେଣ୍ଡ ଏବେ ଖୁବ୍ ରହିଛି। ବିଶେଷକରି ଶାଢ଼ି ହେଉ କିମ୍ବା ଲେହେଙ୍ଗା ସହ ଏହି ଟାଇପ୍‌ର ଶ୍ରଗ୍ ଖୁବ୍ ଭଲ ମାନିଥାଏ।


✲ ଆନିମଲ୍ ପ୍ରିଣ୍ଟ ଶ୍ରଗ୍ ବି ଝିଅଙ୍କୁ ମଡର୍ଣ୍ଣ ଲୁକ୍ ଦେଇଥାଏ। ଆନିମଲ୍ ପ୍ରିଣ୍ଟ ଶାଢ଼ି ସାଙ୍ଗେ ଏହାକୁ ଟ୍ରାଏ କରାଯାଇପାରେ।

✲ ସବୁଠୁ ଖାସ୍ କଥା ହେଉଛି, ଶୀତ ଦାଉରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ଏବେ ଉଲେନ୍ ଫାବ୍ରିକ୍‌ର ବି ସୁନ୍ଦର ସୁନ୍ଦର ଶ୍ରଗ୍ ମିଳୁଥିବା ଦେଖିବାକୁ ମିଳୁଛି। ଶାଢ଼ିକୁ ମ୍ୟାଚିଂ କରି ଏହାକୁ ବି ଟ୍ରାଏ କରାଯାଇପାରେ।












# ସୁଚିତ୍ରାଙ୍କ ଜୀବନ ବିଚିତ୍ରା



ବାଲ୍ୟକାଳ ଓ କୈଶୋର କଟିଥିଲା ସାହିତ୍ୟ ଆରାଧନାରେ । ତାରୁଣ୍ୟରେ ବିବାହ ପରେ ସମୟ ବିତିଲା ତାଙ୍କର ସାହିତ୍ୟ ସାଧନାରେ । ସାହିତ୍ୟ ତାଙ୍କର ସ୍ୱପ୍ନ, ଅଭୀପ୍ସା ଓ ସାଧନା । ଆଦ୍ୟ ଜୀବନରୁ ଏଯାବତ୍ ତାଙ୍କ ସର୍ଜନା ପାଇଁ ପରିବାର ଭିତରୁ ତାଙ୍କୁ ମିଳିଛି ଅଜସ୍ର ପ୍ରେରଣା । ପରିବାରକୁ ସବୁବେଳେ ଅଗ୍ରାଧିକାର ଦେଉଥିବା ଏହି ଲେଖିକା ଜଣକ ଲେଖିଛନ୍ତି ରାଶିରାଶି ଗପ ବ୍ୟଥା ଓ ବେଦନାର, ସଂଗ୍ରାମ ଓ ସନ୍ଧାନର । ଅଧ୍ୟାପନା କରିଛନ୍ତି ପୁଣି ତ୍ୟାଗ କରିଛନ୍ତି ଅନାୟାସରେ ଘରସଂସାରକୁ ସମ୍ଭାଳିବା କାର୍ଯ୍ୟରେ । ସେ ହେଉଛନ୍ତି **ସୁଚିତ୍ରା ମିଶ୍ର** । ମାତା ଉମା ଦେବୀ ଓ ପିତା ଶରତ ଚନ୍ଦ୍ର ମିଶ୍ର । କଥାଶିଳ୍ପୀ ସୁଚିତ୍ରାଙ୍କ ଜନ୍ମ ୧ ଜୁନ ୧୯୬୫ ମସିହା କଟକରେ । ଲେଖାଲେଖିର ଆଦ୍ୟ ପ୍ରେରଣା ତାଙ୍କ ନନା(ବାପା) ଯିଏ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଥିଲେ । ବାପା ବୋଉ ଉଭୟଙ୍କର ପଢ଼ାପଢ଼ିରେ ଆଗ୍ରହ ଥିଲା । ଉଭୟେ ଲେଖାଲେଖି ମଧ୍ୟ କରୁଥିଲେ । ଘରକୁ ବହୁତ ବହି କିଣାହୋଇ ଆସୁଥିଲା । ବୋଉଙ୍କର ବହିବାକ୍ସଟି କୁନି ଝିଅ ମିନି( ସୁଚିତ୍ରା )ଙ୍କ ପାଇଁ ଥିଲା କୁହୁକ ପେଡ଼ି । 'ଟମ କକାଙ୍କ କୁଟୀର', 'କା', 'ସ୍ତ୍ରୀ', 'କଣାମାମୁ' ପ୍ରମୁଖ ବହି ବୋଉ ପାଖରୁ ଅଳି କରି ମାଗିନେଇ ପଢୁଥିଲେ । ବାପା ବୋଉଙ୍କ ସହ ସେଇ ବହିସବୁ ପ୍ରେରଣା ହୋଇ ତାଙ୍କ ହାତରେ ଲେଖନୀ ଧରାଇ ଦେଲା । ସାହିତ୍ୟରେ ହଜିଯିବାର କଳାଟି ସେ ଆୟତ୍ତ କରିଥିଲେ ସେହି ପିଲାଟି ଦିନରୁ । ବହୁତ ପଢ଼ିବା ଭିତରେ ହିଁ ସେ ଲେଖିବା ଆରମ୍ଭ କରିଥିଲେ । ସ୍କୁଲ ଓ କଲେଜ ଜୀବନରେ ମନପବନ, ବାରମଜା, ମିନାବଜାର ସୌରଭ ଆଦି ପତ୍ରିକାରେ ନିୟମିତ ଲେଖା ପ୍ରକାଶ ପାଉଥିଲା ତାଙ୍କର । ସୁଚିତ୍ରା କୁହନ୍ତି , ''ଷଷ୍ଠ/ସପ୍ତମରୁ ଛୋଟଛୋଟ କବିତା ଓ ଗପ ଲେଖିବା ଆରମ୍ଭ କରିଥିଲି । ନୀଳଶୈଳ ତରଫରୁ ଗଳ୍ପ ପାଇଁ ପୁରସ୍କାର ପାଇଥିଲି ଷଷ୍ଠ ଶ୍ରେଣୀରେ ପଢ଼ିବା ସମୟରେ । ନବମରେ ପଢ଼ିବା ସମୟରେ ମୋର ଗଳ୍ପ ପ୍ରକାଶ ପାଇଥିଲା ମନପବନରେ । ଗଳ୍ପଟିର ନା ଥିଲା 'ଚକ୍ରଧରର ଶ୍ୱଶୁରଘର' । ସେଇଟି ମୋର ପ୍ରଥମ ପ୍ରକାଶିତ ଗଳ୍ପ ।'' କଲେଜରେ ପଢ଼ିବା ସମୟରେ ନାଟକ ଲେଖୁଥିଲେ ସୁଚିତ୍ରା । ତାଙ୍କ ରଚିତ ଦୁଇଟି ନାଟକ ଦୂରଦର୍ଶନରେ ପ୍ରସାରିତ ହୋଇଛି ।



ଗଳ୍ପ ଲିଖନରେ ନିଜକୁ ସହଜ ଅନୁଭବ କରୁଥିବା ସୁଚିତ୍ରାଙ୍କ ଗଳ୍ପ ସବୁ ସୁଚରିତା, ସୁଧନ୍ୟା, ସାବିତ୍ରୀ, ଯୁବପ୍ରଭା, ପ୍ରତିବେଶୀ, ଭିଜାମାଟି, କଥା, କାଦମ୍ବିନୀ, ସୌରଭ, ଅର୍ପିତା,ପ୍ରତିଶ୍ରୁତି, ଧରିତ୍ରୀ, ନିତିଦିନ, କ୍ରାନ୍ତିଧାରା ଆଦି ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଅଛି । ଶିକ୍ଷାରେ ଏମ୍‌ଏ, ବିଇଡି ଯୋଗ୍ୟତା ଅର୍ଜନ କରିଥିବା ଏହି ଲେଖିକା ପଢ଼ା ପରେ ନୟାଗଡ଼ ମହିଳା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗରେ ଅଧ୍ୟାପିକା ହୋଇ ଯୋଗଦେଇଥିଲେ । ମିଷ୍ଟଭାଷୀ, ମେଳାପୀ ଏବଂ ସୁନ୍ଦର ବ୍ୟକ୍ତିତ୍ୱର ଅଧିକାରିଣୀ ହୋଇଥିବା କାରଣରୁ ଅଧ୍ୟାପନା ଜୀବନରେ ଅନେକ ଛାତ୍ରୀଙ୍କ ସେ ଅନ୍ତରଙ୍ଗ ହୋଇପାରିଥିଲେ । ସେମାନଙ୍କ ବ୍ୟକ୍ତିଗତ ଜୀବନର କିଛିକିଛି ଘଟଣା ଜାଣୁଥିଲେ, ଯାହା ତାଙ୍କ ପାଇଁ ନୂଆଥିଲା । ବାପାବୋଉଙ୍କର ସଯତ୍ନ ବଳୟ ଭିତରୁ ବାହାରି ଏକାକିନୀ ଏକ ଦୁନିଆକୁ ଏତେ ପାଖରୁ ଦେଖିବାର ଥିଲା ତାଙ୍କ ପ୍ରଥମ ଅବସର । ଅଜାଣତରେ ସେହି ସବୁ ସ୍ୱାଧୀନ ଅନୁଭୂତି ଅନେକ ଚରିତ୍ର ହୋଇ ଗପରେ ଆତ୍ମପ୍ରକାଶ କଲେ । ବିବାହ ପରେ ପାରିବାରିକ ଦାୟିତ୍ୱ ନିର୍ବାହ କରିବାକୁ ଓଡ଼ିଶା ବାହାରେ ରହିବାକୁ ପଡ଼ିଲା ବୋଲି ଭଲ ଚାକିରି ଛାଡ଼ି ଆଦର୍ଶ ଗୃହିଣୀ ହେବାକୁ ଚାହିଁଲେ ସେ । ପରିବାରର ଶୃଙ୍ଖଳାକୁ ଯଥାରୀତି ବଜାୟ ରଖିବା ବି ଏକ ସୃଜନ କଳା, ଯାହା ଲେଖାଲେଖି ଦେଉଥିବା ଖୁସିଠାରୁ ଅଧିକ ମାନେ ରଖେ ବୋଲି ସେ ବିଶ୍ୱାସ କରନ୍ତି । ପରିବାର ତରଫରୁ ତାଙ୍କ ଲେଖକୀୟ ସତ୍ତାକୁ କେତେ ସହଯୋଗ ମିଳିଛି ପ୍ରଶ୍ନର ଉତ୍ତରରେ ସୁଚିତ୍ରା କୁହନ୍ତି , ''ସ୍ୱାମୀ ମନୋରଞ୍ଜନ ମିଶ୍ର ଜଣେ ଭଲ କବି ଓ ଲେଖକ । ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଭିତରେ ନିଜ ଲେଖାଲେଖିକୁ ଯଥାର୍ଥ ନ୍ୟାୟ ଦେଇପାରିବେ ନାହିଁ ବୋଲି କହୁଥିଲେ ସତ କିନ୍ତୁ ସେ ମୋ ଲେଖାର ପ୍ରଥମ ପାଠକ, ପ୍ରେରଣାଦାତା ଓ ନିରପେକ୍ଷ ସମାଲୋଚକ । ମୋର ଶାଶୁଘରର ସମସ୍ତେ ପ୍ରାୟ ଲେଖାଲେଖି କରନ୍ତି । ତେଣୁ ମୋ' ଲେଖାଲେଖିକୁ ନେଇ ସେମାନଙ୍କର ମୋ' ପ୍ରତି ସ୍ନେହ ଓ ଭଲପାଇବା ଆରମ୍ଭରୁ ଥିଲା ।''




ଦୀର୍ଘ ଚାଳିଶ ବର୍ଷ ସାହିତ୍ୟ କ୍ଷେତ୍ରରେ କାମ କରୁଥିବା ସୁଚିତ୍ରା ଅଳ୍ପ ଲେଖନ୍ତି ଅଥଚ ଭଲ ଲେଖନ୍ତି । ଏଯାବତ୍ ପ୍ରକାଶ ପାଇଥିବା ତାଙ୍କ ପୁସ୍ତକ ସବୁ ହେଲେ, 'ସୂତା ଖିଅରେ ସମ୍ପର୍କ', 'ଧରାରେ ଅମରାବତୀ', 'ଚିହ୍ନା ଚିହ୍ନା ଜହ୍ନରାତି', 'ରୁପାଜହ୍ନ', ଇଂରାଜୀ ଗଳ୍ପ ସଂକଳନ 'ରିଲେସନଶିପ – ଏ ଷ୍ଟ୍ରାଣ୍ଡ ଅଫ ଥ୍ରେଡ୍' ଆଦି । ନିଜର କୃତି ପାଇଁ ସୁଚରିତା ଗଳ୍ପ ସମ୍ମାନ (ସୁପ୍ରୀତି ଦେବୀ ଗଳ୍ପ ସମ୍ମାନ), ସୁଧନ୍ୟା ଗଳ୍ପ ସମ୍ମାନ, ଓଡ଼ିଶା ଲେଖିକା ସଂସଦ ତରଫରୁ ଐଶ୍ୱର୍ଯ୍ୟା ଗଳ୍ପ ସମ୍ମାନ, ୨୧ତମ ମଦର୍ ଆୱାର୍ଡ ଭଳି ମାନସମ୍ମାନ ପ୍ରାପ୍ତ ହୋଇଛନ୍ତି । ଦୀର୍ଘ ପଞ୍ଚତିରିଶ ବର୍ଷର ପ୍ରବାସୀ ଜୀବନ ପରେ ଏବେ ଓଡ଼ିଶାରେ ଅବସ୍ଥାନ କରୁଥିବା ସୁଚିତ୍ରା ତାଙ୍କ ଲେଖାରେ କ'ଣ କହିବାକୁ ଚାହାନ୍ତି ପ୍ରଶ୍ନର ଉତ୍ତରରେ କୁହନ୍ତି, ''କୁଢ଼ କୁଢ଼ ପାଉଁଶ ଭିତରେ ନିଆଁର ଝୁଲଟିଏ ଆଶାର ସଞ୍ଚାର କରେ । ସକାରାତ୍ମକ ଭାବନାଟିଏ ବାଟ ଚାଲିବାକୁ ଦେହରେ ଶକ୍ତି ଭରିଦିଏ । ମୋର ପ୍ରାୟ ସବୁ ଗପ ସକାରାତ୍ମକ ଭାବନାଟିଏ ନେଇ ଆସିଥାଏ । ଜାଣତରେ ବା ଅଜାଣତରେ ମୋ' ଲେଖନୀ ସମ୍ପର୍କର ସୂତାଖିଏକୁ ଜାବୁଡି ଧରିବାର ପ୍ରୟାସ କରେ ସବୁବେଳେ ।''




ବହି ପଢ଼ିବା, ଗୀତ ଶୁଣିବା, ରୋଷେଇ କରିବା, ଭ୍ରମଣ କରିବା, ଘର ସଜେଇବାରେ ରୁଚି ରଖିଥିବା ସୁଚିତ୍ରା ଆଗାମୀ କାଲିର ଯୋଜନା ସମ୍ପର୍କରେ ପଚାରିଲେ କୁହନ୍ତି, ''ଅନେକ ଗୁଡ଼ିଏ ଚରିତ୍ର ମୋ' ଭିତରେ ଚାପିହୋଇ ଛଟପଟ ହେଉଛନ୍ତି । ସେମାନଙ୍କୁ ଉପଯୁକ୍ତ ଶବ୍ଦ ମାଧ୍ୟମରେ ଜୀବନ୍ୟାସ ଦେବାପାଇଁ ମୋର ଚେଷ୍ଟା ଜାରି ରଖିବି । ପ୍ରଭୁଙ୍କ କରୁଣା ଓ ଗୁରୁଜନଙ୍କର ଆଶୀର୍ବାଦ ରହିଲେ ଜୀବନର ଶେଷଯାଏ ମୋ' ହାତରେ ଲେଖନୀ ଧରିଥିବି ।''

**–ମାନମୟୀ ରଥ**
*–ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ, ବାଲିପୁଟ, ପୁରୀ*
*ମୋ:୭୯୭୮୫୭୯୩୯୯*








# ମାତୃତ୍ୱର ମୋହ

**–ଅଲେଖ ଚନ୍ଦ୍ର ମିଶ୍ର**

**ସେ**ଦିନ ଥିଲା ଶିଶୁଟିର ପ୍ରଥମ ଜନ୍ମବାର୍ଷିକୀ । ଖୁବ୍ ଧୁମ୍‌ଧାମରେ ସାରା ଗାଁର ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ ହୋଇଥିଲା । ଅନେକ ବର୍ଷ ପରେ ଏକ ଶୂନ୍ୟତାକୁ ପୂରଣ କରିଥିବାରୁ ସେ ଥିଲା ସଭିଙ୍କର ନୟନର ତାରା । ବିଶେଷକରି ସବିତାଙ୍କର ସେ ଥିଲା ସବୁଠାରୁ ପ୍ରିୟ । ମନ୍ଦ କପାଳକୁ ସିନା ତାଙ୍କ ଗର୍ଭରୁ ସନ୍ତାନଟିଏ ଜନ୍ମ ହେଲା ନାହିଁ, ତା' ନିଜ ଭଉଣୀ ଗର୍ଭରୁ ତ ହେଲା । ମା' କିଏ ମାଉସୀ କିଏ ? ଯୋଗକୁ ଶିଶୁଟି ତାଙ୍କୁ ହିଁ ବେଶି ଭଲପାଉଥିଲା । ଯାହା କୋଳରେ ଥିଲେ ବି ତାଙ୍କ କୋଳକୁ ଆସିବାକୁ ଅଝଟ କରେ । ଯେତେ ବୁଝେଇ ଶୁଝେଇ ଖାଇବାକୁ ଦେଲେ କିଛି ଖାଏନା । ଅଥଚ ସବିତା ଯାହା ଖାଇବାକୁ ଦିଅନ୍ତି ଆନନ୍ଦରେ ଖାଏ । ରାହାଧରି କାନ୍ଦୁଥିଲେ ତାଙ୍କ କାଖକୁ ଆସିଲେ କାନ୍ଦ ବନ୍ଦ ହୋଇଯାଏ । ପରିବାରର ସମସ୍ତେ ବି ତାଙ୍କ ପାଖରେ ପିଲାଟି ଥିଲେ ନିଶ୍ଚିନ୍ତ ରୁହନ୍ତି ଯେମିତି ଆଜି... ।

ଏତେ ସମ୍ପର୍କ ଭିତରେ ସବିତାଙ୍କ ମନରେ ଟିକେ ଅଭାବବୋଧ ରହିଥାଏ ଯେ ସେ ଶୂନ୍ୟଗର୍ଭା, ଯାହା ତାଙ୍କର ପତିଙ୍କୁ ଦ୍ୱିତୀୟ ବିବାହ କରିବାକୁ ବାଧ କରିଥିଲା । ତା' ଦ୍ୱାରା ପତିଙ୍କର ସେ ଅଭାବ ଅବଶ୍ୟ ଦୂର ହୋଇଗଲା, ହେଲେ ସବିତାଙ୍କ ମନରେ ଏକ ହୀନମନ୍ୟତାର ଭାବ ସୃଷ୍ଟି ହେଲା ଯେ ଯାହା ତାଙ୍କର ନାହିଁ ତାହା ତାଙ୍କ ଭଉଣୀର ଅଛି । ସେଥିପାଇଁ ସାଇ ପଡ଼ିଶା ଭାଇ ଭଗାରି ଫୁସ୍‌ଫାସ୍ ହୁଅନ୍ତି, ଯାହା ପିଲାଟି ଜନ୍ମ ହେଲାଦିନୁ ବଢ଼ିଯାଇଛି । ବେଳେବେଳେ ମନ ତାଙ୍କର ବିଦ୍ରୋହ କରି ଉଠେ । କେଜାଣି କାହିଁକି ଆଜି ତାହା ସବୁ ସୀମା ସରହଦ ଟପି ଯାଇଥିଲା । ଭଉଣୀ ହେଲେ ବି ସେ ତ ଏବେ ତାଙ୍କର ସଉତୁଣୀ । କଥାରେ ଅଛି ପରା ଯମକୁ ଦେବ ପଛକେ ସଉତୁଣୀକୁ ଦେବନି । ... ଭାବନାରୁ ଈର୍ଷା, ଈର୍ଷାରୁ ସଂକଳ୍ପ । ଯେମିତି ହେଲେ ଅବୋଧ ଶିଶୁଟିକୁ ଏହି ଅବସ୍ଥାରେ ଶେଷ କରି ନ ଦେଲେ ଭବିଷ୍ୟତରେ ତାଙ୍କର ମନସ୍ତାପ ଆହୁରି ବଢ଼ିଚାଲିବ । ମୂଳୁ ମାଇଲେ ଯିବ ସରି.... !

କାଖେଇଥିବା ଅବସ୍ଥାରେ ଶିଶୁଟିକୁ ଛାତ ଉପରକୁ ନେଇଯାଇ ଏକ ନିରୋଳା ସ୍ଥାନରେ ଛିଡ଼ା ହେଲେ । ଛାଇ ଅନ୍ଧାର ଭିତରେ ଖୁବ୍ ସନ୍ତର୍ପଣରେ ଏଣେତେଣେ ଚାହିଁଲେ । ନା କେହି କୋଉଠି ନାହାନ୍ତି । ସମସ୍ତେ କାର୍ଯ୍ୟରେ ଏତେ ବ୍ୟସ୍ତ ଯେ, ତାଙ୍କ ପ୍ରତି କାହାର ନିଘା ନାହିଁ । ଏଇଟା ଅପୂର୍ବ ସୁଯୋଗ । ତା' ପାଟିରେ କ୍ଷୀର ବୋତଲଟା ଲଗେଇ ଦେଇ ତଣ୍ଟିକୁ ତା'ର ଚିପିଦେଲେ ନିମିଷକରେ କାମ ଖତମ୍ । ଆଉ ଝିନ୍‌ଝଟ ନ ଥିବ । ତା'ପରେ ଚୁପ୍‌ଚାପ୍ ନେଇ ଘରେ ଶୋଇଦେବ । ସେଥିପାଇଁ ପ୍ରସ୍ତୁତ ହୋଇ ତା' ମୁହଁକୁ ଶେଷଥର ପାଇଁ ଚାହିଁଲେ । ଅବୋଧ ଶିଶୁଟି କ'ଣ ବୁଝିଲା କେଜାଣି ଆଖିରୁ ତା'ର କେଇ ବୁନ୍ଦା ଲୁହ ଝରିଆସିଲା । ବୋଧହୁଏ ଏଇ ପ୍ରଥମ ଥର ପାଇଁ ତାଙ୍କ କୋଳରେ ଥାଇ କାନ୍ଦୁଥିଲା ସେ । ଭୟରେ ତାଙ୍କ ବୁକୁରେ ମୁହଁ ଲୁଚେଇ ନିଜକୁ ନିରାପଦ ମଣିବାକୁ ଚେଷ୍ଟା କରୁଥିଲା । ବକ୍ଷୋଜ ମଧ୍ୟରେ ଟିକିଟିକି ଓଠର ସ୍ୱର୍ଶ ! ସେ ସ୍ୱର୍ଶରେ କେମିତି କିମିଆ ଥିଲା କେଜାଣି, ମନ ତାଙ୍କର ବିଳପି ଉଠିଲା । ହାତ ଅଟକିଗଲା । ହୃଦୟରୁ ଦୀର୍ଘଶ୍ୱାସଟିଏ ବାହାରି ଆସିଲା । କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । ଆଃ.. କି ଆନନ୍ଦ ! କି ତୃପ୍ତି ! ବାତ୍ସଲ୍ୟର ଉନ୍ମାଦନାର ଗଭୀର ଆଶ୍ଲେଷରେ ଶିଶୁଟିକୁ ଜାବୁଡ଼ି ଧରି ଭୋ ଭୋ କାନ୍ଦି ପକେଇଲେ, ଏ ମୁଁ କ'ଣ କରିବାକୁ ଯାଉଥିଲି ! ନାରୀ ମୁଁ, ସୃଷ୍ଟିର ଆଧାର... ଅଥଚ...। ଶିଶୁଟିକୁ ବହେ ଗେଲ କରି ଗଭୀର ଆଶ୍ୱସ୍ତିରେ ତଳକୁ ପାଦ ବଢ଼ାଉଥିଲେ ସବିତା । ଆଜି ଯେପରି ସେ ନୂତନ ଶିଶୁଟିଏ ଆବିଷ୍କାର କରିଛନ୍ତି ; ଯିଏ ତାଙ୍କ ନିଜର, ଅତି ଆପଣାର ।

*–ସାରଦାଶ୍ରୀ, ୯୦୪, ଶାସ୍ତ୍ରୀ ନଗର, ଭୁବନେଶ୍ୱର*
*ମୋ: ୯୪୩୮୬୭୩୮୯୮*

# ଘାଲଭୂତ

**–ଡକ୍ଟର ସୁରେଶ ନାୟକ**

**ବ**ର୍ଷ ବର୍ଷର ଅବସୋସ ମୁଣ୍ଡାଇ
ଠିଆହୋଇ ପଡ଼ିଛି ଏକ୍‌ଲା ।
ଖରାରେ, ବର୍ଷାରେ
ସମର୍ପଣ ମୁଦ୍ରାରେ
କ୍ଷେତ ମଝିରେ ।
ଗଢି ହୋଇପାରିଲିନି
ଠିକ୍ ଭାବେ ।
ସଞ୍ଚିଥିବା ଲୁହ ବୁନ୍ଦେ
ନିଗିଡ଼ି ନ ପାରି ଅଦୃଶ୍ୟ ।

ଯାତ୍ରା ଦେଖିଯାଇ ଫେରାର୍ ମାଲିକ୍
ନିର୍ଦ୍ଦୟ ।

ଉଜାଗର ରହେ ବୋଲି
ଖୋଲି ରଖିଛି ଆଖିର ପଲକ
ଦୁଃଖ ଓ ହତାଶା ଅସ୍ପୃଶ୍ୟ ହେଉ
ପିନ୍ଧାଇ ଦେଇଛି ହସ
ହସ ତ ନୁହେଁ, ପ୍ରିୟ ଶତ୍ରୁ ମୋର ।

ନିଅ, ଉତାରିନିଅ ଏ ହସ
ପହରାଦାର୍ ମୁହଁରେ ହସ
ହାଃ ! ଅସଙ୍ଗତ
ନିଜର ହେଉ ମୋର କାନ୍ଦିବା ରହସ୍ୟ ।

ଏବେ ମୋର ପାଳି
ସଭିଙ୍କୁ ଥଇଥାନ କରିବା
ଘଟଣାର କ୍ରମ ସଜାଡ଼ି ପକାଇବା ।
ଅନେକ ଅନେକ ଦିନର ଆଲୁଅ
ଅନେକ ଅନେକ ରାତିର ଅନ୍ଧାର
ଠୁଳ କରି ତିଆରିଛି ଗୋଟିଏ ଦିନ
କେହି ବି ତ ଜଣେ ଅପେକ୍ଷାରେ ଥିବ
ମୋ ସହ ଭୋଗିବାକୁ ଦିନକ ଆୟୁଷ ।

*–କ୍ରିଷ୍ଣା ନଗର, ଲସପେଟ୍*
*ପୁଡୁଚେରୀ–୬୦୫୦୦୮*
*ମୋ: ୯୦୪୩୦୮୭୪୫୬*





# ସ୍ମୃତିରେ ୨୦୨୫

## ଆଉ ମାତ୍ର ଦିନ କେଇଟାର କଥା । ଚାଲିଯିବ ୨୦୨୫ । ଛାଡ଼ି ଦେଇଯିବ ଅନେକ ସ୍ମୃତି, ଯାହାକି ରହି ରହି ମନରେ ଉଙ୍କି ମାରୁଥିବ ଓ ମିଠା ମିଠା ଅନୁଭବ ଦେଉଥିବ...





**ସ**ବୁ ବର୍ଷ ପରି ଏହି ବର୍ଷ ବି ଛୁଟିଦିନ ନିଜ ପାଠକଙ୍କୁ ଦେଇ ଚାଲିଥିଲା ଅନେକ ସୁନ୍ଦର ସୁନ୍ଦର ଭେଟି । ସେ ପୁଣି ଭିନ୍ନ ରଙ୍ଗରେ, ଭିନ୍ନ ଢଙ୍ଗରେ । ସେ ପ୍ରଚ୍ଛଦ ପ୍ରସଙ୍ଗ ହେଉ କି ବ୍ୟକ୍ତିତ୍ୱ, ସୃଜନ, ସିନେମା ଅବା ସହରଠୁ ଦୂର । ସବୁ ଥିଲା ନିଆରା । ଚାଲନ୍ତୁ ତେବେ ସାଉଁଟିନେବା ସେହି ସ୍ମୃତିରୁ କିଛିକୁ...

### ପ୍ରଚ୍ଛଦ ପ୍ରସଙ୍ଗ

**ସ୍ୱାମୀଙ୍କ ମାର୍ଗରେ:** ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ନିଜ କାର୍ଯ୍ୟଧାରାରେ ସାମିଲ କରିବା ସହ ତାଙ୍କ ମାର୍ଗରେ ଯାଇ ବ୍ୟକ୍ତିତ୍ୱ ବିକାଶ ଓ ଉତ୍ତମ ରାଷ୍ଟ୍ରଗଠନରେ ସାମିଲ ହୋଇଥିବା କେତେଜଣ ବ୍ୟକ୍ତିବିଶେଷ ଓ କିଛି ଅନୁଷ୍ଠାନ ସମ୍ପର୍କରେ ପ୍ରସ୍ତୁତ ହୋଇଥିଲା ଏହି ପ୍ରଚ୍ଛଦ ।

**କନ୍ୟା ରତ୍ନ:** ସମୟ ବଦଳିଛି । ଝିଅ ଏବେ ନୁହେଁ କାହା ମୁଣ୍ଡର ବୋଝ । ବରଂ ତା' କାନ୍ଧରେ ଅଛି ନିଜ ପରିବାର ସହ ସାରା ରାଜ୍ୟ ଓ ଦେଶର ଭାର ବହନ କରିବାର ଶକ୍ତି । ମାଟିରୁ ମହାକାଶ ସବୁଠି ସେ ଛାଡିଛି ନିଜର ଛାପ । ନାନା ବାଧାବିଘ୍ନ ସତ୍ତ୍ୱେ ଆଗକୁ ବଢି ସଫଳ ହୋଇଥିବା ସେମିତି କେତେଜଣ ଝିଅଙ୍କ ସମ୍ପର୍କରେ ଥିଲା ଏହି ପ୍ରଚ୍ଛଦ ।

**ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ:** ଭାଷା ହିଁ ଗୋଟିଏ ଜାତିର ଆତ୍ମ ପରିଚୟ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ । ଯାହାକୁ ଗୁରୁତ୍ୱ ଦେଇ ଆଜି ବି କେତୋଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ଏହି ମହତ୍ କାର୍ଯ୍ୟ ଉପରେ ପର୍ଯ୍ୟବସିତ ଥିଲା ପ୍ରଚ୍ଛଦ ପ୍ରସଙ୍ଗ ।

**ଅପହଞ୍ଚ ଆକାଶ:** ଗେହ୍ଲା ଝିଅର ବାପାଙ୍କ ପାଇଁ କିଛି କଥା ; ଯାହା ସେ ତାଙ୍କୁ କେବେ କହିପାରିନି କି ଭବିଷ୍ୟତରେ ଆଉ କେବେ କହିବାର ସୁଯୋଗ ବି ତା'ପାଖରେ ନାହିଁ । କାରଣ ଆକାଶଠୁ ବଡ଼ ବାପା ତା' ପାଇଁ ଏବେ ଅପହଞ୍ଚ ଦୂରତାରେ.. । ବାପାଙ୍କ ପାଇଁ ସାଇତି ରଖିଥିବା ସେଇ ଅକୁହା କଥାକୁ ଖୋଲିଥିଲେ କେତେଜଣ ଝିଅ ଏହି ପ୍ରଚ୍ଛଦରେ ।

**ଭାଇଚାରାରେ ପୂଜା:** ଏମାନେ ଭାଇଚାରାରେ ବିଶ୍ୱାସ କରନ୍ତି । ସେଥିପାଇଁ ତ ମୁସଲମାନ ହେଲେ ବି ମା'ଙ୍କ ପୂଜାରେ ଏମାନେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି । ଭାଇଚାରା ସହ ମା'ଙ୍କ ପୂଜା କରାଯାଉଥିବାର ଏହି ପ୍ରଚ୍ଛଦ ଥିଲା ବେଶ୍ ହୃଦୟସ୍ପର୍ଶୀ ।

**ସୁନା ଛୁଇଁବା ମନା:** ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ହେଉଛି ସୁନା । କିନ୍ତୁ ସୁନାର ଦାମ ଯେଉଁଭଳି ଭାବେ ବଢିଚାଲିଛି ଲାଗୁଛି ସତେ ଯେମିତି ସାଧାରଣ ଲୋକଟିଏ ପାଇଁ ସୁନାକୁ ଛୁଇଁବା ମନା । ବର୍ଦ୍ଧିତ ସୁନା ଦରର ପ୍ରଭାବ ଉପରେ ପର୍ଯ୍ୟବସିତ ଏହି ପ୍ରଚ୍ଛଦ ବେଶ୍ ଶିକ୍ଷଣୀୟ ଥିଲା ।

**ମା' ସର୍ବଂସହା:–** ସନ୍ତାନ ପାଇଁ ଯିଏ ସବୁ କଷ୍ଟ ସହିପାରେ ଓ ତା'ର ଚେନାଏ ହସ ଦେଖି ଯିଏ ସବୁ ଭୁଲିଯାଏ ସେ ହେଉଛି ମା' । ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ ନିଜର ଶାରୀରିକ ଅକ୍ଷମତାକୁ ଭୁଲି କିଭଳି ଆହୁରି ସଶକ୍ତ ହୁଏ ତାକୁ ବେଶ୍ ସୁନ୍ଦରଭାବେ ଉପସ୍ଥାପନ କରାଯାଇଥିଲା ଏହି ପ୍ରଚ୍ଛଦରେ ।

**ଲେନ୍ସରେ ପ୍ରାଣିଜଗତ:** ହାତରେ କ୍ୟାମେରା ଧରି ଜଙ୍ଗଲ ଜଙ୍ଗଲ ଘୂରି ବୁଲନ୍ତି । ଲେନ୍ସରେ ଦେଖନ୍ତି ପ୍ରାଣିଜଗତ । ଅନେକ ଅପେକ୍ଷା ପରେ ଯେବେ ପାଆନ୍ତି ଏକ ପରଫେକ୍ଟ ଶଟ୍ ଭୁଲି ଯାଆନ୍ତି ସବୁ କଷ୍ଟ । ପାଆନ୍ତି ଆତ୍ମତୃପ୍ତି । ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫରଙ୍କ ଜୀବନକୁ ନେଇ ପ୍ରସ୍ତୁତ ଏହି ପ୍ରଚ୍ଛଦ ବେଶ୍ ମନଛୁଆଁ ହୋଇଥିଲା ।

**ପାଇକ ବିଦ୍ରୋହର ସ୍ୱର:** ଓଡ଼ିଶାର ବୀର ପାଇକ ଇଂରେଜଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହିବାକୁ କୌଣସି ପ୍ରକାରେ ପ୍ରସ୍ତୁତ ନ ଥିଲା । ବିଦ୍ରୋହର ବହ୍ନି ଜଳି ଉଠିଲା । ଯେଉଁଠୁ ଆରମ୍ଭ ହେଲା ପାଇକ ବିଦ୍ରୋହର ସ୍ୱର । ପରବର୍ତ୍ତୀ ସମୟରେ ସାରା ଦେଶର ସ୍ୱର ପାଲଟି ଯାଇଥିଲା । ସେଇ ପାଇକ ବିଦ୍ରୋହର କଥାକୁ ନେଇ ପ୍ରସ୍ତୁତ ଏହି ପ୍ରଚ୍ଛଦ ମନରେ ଦେଶପ୍ରେମର ଭାବ ଭରିଥିଲା ।

**ରଙ୍ଗୋଲି ରାଜା:** କଳାକ୍ଷେତ୍ରରେ ନାହିଁ ଲିଙ୍ଗଭେଦ । ଏହାକୁ ପ୍ରମାଣ କରି ଦେଖାଇଥିବା କେତେଜଣ ପୁରୁଷ ଝୋଟି ଓ ରଙ୍ଗୋଲି କରୁଥିବା କେତେଜଣ ପୁରୁଷ କଳାକାର ଙବିଭାରେ ନିଜକୁ ହଜାଇ ଦେବା ସହ ଘର ଅଗଣାର ଏହି କଳାକୁ ବିଶ୍ୱ ଦରବାରରେ ପରିଚିତି ଦେଇଛନ୍ତି ।

**ଲାଇଫ୍ ଷ୍ଟାଇଲ:** ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡକୁ ପାଠକଙ୍କୁ ଅବଗତ କରାଯିବାର ପ୍ରୟାସ କରାଯାଇଥିଲା ଏହି ପୃଷ୍ଠାରେ ।

**ବ୍ୟକ୍ତିତ୍ୱ:** ଓଡ଼ିଶାର ବହୁପ୍ରସିଦ୍ଧ ବ୍ୟକ୍ତିଙ୍କ ପ୍ରେରଣାପ୍ରଦାୟକ ଜୀବନର କଥା ଦିଆଯାଇଥିଲା ଏହି ପୃଷ୍ଠାରେ ।

**ସୃଜନ:** ସୃଜନଶୀଳ ପାଠକଙ୍କ କଲମରୁ ଝରିପଡିଥିବା ଭିନ୍ନ ଭିନ୍ନ ସ୍ୱାଦର ଗପ, କବିତା ସ୍ଥାନ ପାଇଥିଲା ଏହି ପୃଷ୍ଠାରେ ।

**ସହରଠୁ ଦୂର:** ଦେଶ ବିଦେଶର ଅନେକ ମନୋରମ ପର୍ଯ୍ୟଟନସ୍ଥଳର ସବିଶେଷ ବିବରଣୀ ସହ ଘରେ ବସି ଭ୍ରମଣର ଆନନ୍ଦ ଦେଉଥିଲା ଏହି ପୃଷ୍ଠା ।

**ଗଡ଼:** ଦିନେ ଓଡ଼ିଶା ପରିଚିତ ହେଉଥିଲା ଏକ ଗଡ଼ଜାତ ରାଜ୍ୟ ଭାବେ । ଯଦିଓ ଏହି ଗଡ଼ସବୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ, ତେବେ ବି ଏହା କହେ ଓଡ଼ିଶାର ଗୌରବମୟ ଇତିହାସର କଥାକୁ । ସେହି ଗଡ଼ସବୁକୁ ନେଇ ଆରମ୍ଭ ହୋଇଥିଲା ଆମର ଏହି ପୃଷ୍ଠା ।

**ବ୍ୟାକ୍ ପେଜ୍:** ଦେଶ ଦୁନିଆର ମଜାଦାର ଓ ରୋଚକ କଥା ଥିଲା ଏହି ପୃଷ୍ଠାରେ ।



**ମଡେଲ ମିରର୍:** ଷ୍ଟାଇଲିସ୍ ମଡେଲଙ୍କ ଆକର୍ଷକ ଫଟୋରେ ଏହି ପୃଷ୍ଠା ଲାଗୁଥିଲା ଚମତ୍କାର ।

**ସେଲିବ୍ରିଟି ସିକ୍ରେଟ୍:** ଓଡ଼ିଶାର ନାମକରା ଲୋକପ୍ରିୟ ସେଲିବ୍ରିଟିଙ୍କ ଜୀବନର ଅନେକ ସିକ୍ରେଟ୍ ଖୋଲିଥିଲା ଏହି ପୃଷ୍ଠାରେ ।

**ବିବିଧା:** ମନରେ ଉଠୁଥିବା ଅନେକ କାହିଁକି ଓ କ'ଣ ପାଇଁ ପ୍ରଶ୍ନର ଉତ୍ତର ଦିଆଯାଇଥିଲା ଏହି ପୃଷ୍ଠାରେ ।











**ସିନେମା:** ଓଲିଉଡ୍, ବଲିଉଡ୍‌ର ଟିକିନିଖି ଖବର ସହ ମଶଲାଦାର ଗସିପ୍ ସ୍ଥାନ ପାଇଥିଲା ସିନେମା ପୃଷ୍ଠାରେ ।

**କଥା ଚାଟ୍:** ସମାଜରେ ଘଟୁଥିବା ଅନେକ ଘଟଣାକୁ ବ୍ୟଙ୍ଗ ଆକାରରେ ଉପସ୍ଥାପନ କରାଯାଇଥିଲା ଏହି ପୃଷ୍ଠାରେ ।



**ସାଥୀ\ପ୍ରଥମ ରୋଜଗାର:** ପାଠକମାନେ ନିଜ ମନର ଅନେକ ଅକୁହା କଥା ଓ ପ୍ରଶ୍ନକୁ ଖୋଲି ରଖିଥିଲେ ଏହି ପୃଷ୍ଠାରେ । ଆଉ ତା'ର ସରଳ ସମାଧାନର ସୂତ୍ର ଦେଇଥିଲେ ସାଥୀ । ତା'ସହ ପ୍ରଥମ ରୋଜଗାରର ସ୍ମୃତିକୁ ବାଣ୍ଟିଥିଲେ ଓଡ଼ିଶାର କେତେଜଣ ବିଶିଷ୍ଟ ବ୍ୟକ୍ତି ପ୍ରଥମ ରୋଜଗାର ସ୍ତମ୍ଭରେ ।

# ମା' ପାଇଁ ଶାଢ଼ି ଓ ଚପଲ କିଣିଥିଲି

## ପ୍ରଥମ ରୋଜଗାର



କବି ଇଂ. ସ୍ମୃତି ରଞ୍ଜନ ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଭୂଇଁକୁ କୋଳମଣ୍ଡନ କଲା ପରେ ପ୍ରଥମେ ଯିଏ ହସିଥିଲା ସେ ମୋ ମା'। ଏଯାଏ ତା' ହସ ଆଉ କାନ୍ଦ ଏକାଭଳି ଲାଗେ। ମା' ପରା ସେ। ପ୍ରାଥମିକ ଶିକ୍ଷାଠାରୁ ଏଯାବତ ମୋତେ ବାଟ କଢ଼େଇ ଆଣିଥିବା ପରମଗୁରୁ ମୋ ପିତାମାତା। ତୃତୀୟ, ପଞ୍ଚମ ଶ୍ରେଣୀ ଯାଏ ଶିକ୍ଷା ବୃତ୍ତି ଯାହା ମିଳୁଥାଏ, ତାହା କୋଟିନିଧି ପରି ଲାଗେ। ଆମ ଘର ଜଟଣୀ, ସେତେବେଳେ ପୁରୀ ଶିକ୍ଷାମଣ୍ଡଳ ଅଧୀନରେ ଥାଏ। ସ୍କୁଲରେ ପଢୁଥିଲାବେଳେ ପ୍ରବନ୍ଧ ହେଉ କି ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହେବା ମୋ ସାରସ୍ୱତ ପ୍ରତିଭାକୁ ବିକଶିତ କରୁଥାଏ। ଏ କ୍ଷେତ୍ରରେ ମୋ ଶିକ୍ଷକ, ପିତାମାତାଙ୍କ ସହ ବରିଷ୍ଠ କବି ଅଧ୍ୟାପକ ଶ୍ରୀଯୁକ୍ତ ଶତ୍ରୁଘ୍ନ ପାଣ୍ଡବ ସାର୍‌ଙ୍କ ଅବଦାନ ଅତୁଳନୀୟ। ସରକାରଙ୍କ ନୀତି ଅନୁଯାୟୀ କେତେବେଳେ ବୃତ୍ତି ବଢେ ମୋତେ ଜଣା ନ ଥାଏ। କିନ୍ତୁ ସମସ୍ତ ବୃତ୍ତି ଟଙ୍କାରେ ମୋ ମା' ଆମ ଭାଇ ଭଉଣୀଙ୍କ ଶୁଭ ମନାସି ମନ୍ଦିରରେ ଦୀପ ଜାଳେ, ଭୋଗ ଲଗାଏ। ଶିକ୍ଷାବୃତ୍ତିର ଶ୍ରେଷ୍ଠ ନିୟୋଜନ ଯା'ଠୁ ଅଧିକ କ'ଣ ହୋଇପାରେ। ବୟସକ୍ରମେ ପ୍ରଥମେ ସାମନ୍ତ ଚନ୍ଦ୍ରଶେଖର କଲେଜ ଓ ବିଭିନ୍ନ ଅନୁଷ୍ଠାନରୁ ମୁଁ ଓ ମୋ ଲେଖାକୁ ସ୍ୱୀକୃତି ମିଳେ ଓ ପୁରସ୍କୃତ ବି ହୁଏ।

ପରବର୍ତ୍ତୀ ସମୟରେ ବୈଷୟିକ ଶିକ୍ଷା ଅଧ୍ୟୟନରେ ଥାଇ ମଧ୍ୟ ସାହିତ୍ୟ କଳା ସଂସ୍କୃତି ମୋ ଭିତରେ ଚେତନା ଜାଗ୍ରତ କରାଉଥାଏ। ଲେଖାଲେଖି ଚାଲିଥାଏ, ଆଉ ଏହା ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରୁଥାଏ। ଆମେ ଭାଇଭଉଣୀ ଭାରି ସାହିତ୍ୟପ୍ରେମୀ। ଘରେ ସାହିତ୍ୟକୁ ନେଇ ଚର୍ଚ୍ଚା ଓ ଆଲୋଚନା ହୁଏ, ଯାହା ମୋ ସାରସ୍ୱତ ଜୀବନକୁ ପ୍ରେରଣାରେ ଭରିଦିଏ। ପ୍ରଥମ ଚାକିରି ଓ ପ୍ରଥମ ଦରମାରେ ଆଣିଥିବା ସୂତା ଶାଢ଼ି ଓ ହଳେ ଚପଲ ହୁଏ ମୂକସାକ୍ଷୀ କାହା ଆନନ୍ଦାଶ୍ରୁ ଓ ଅନ୍ତଃବେଦନାର। ସମୟ ଓ ବିଗତ ସଫଳତାକୁ ପୁଞ୍ଜି କରି ବିଭିନ୍ନ ବୈଷୟିକ ତାଲିମ ଓ ଅସ୍ଥାୟୀ କର୍ମଚାରୀର ମାନ୍ୟତାରେ ଯେତିକି ମୁଁ ବଢୁଥାଏ ସେତିକି ଚଳଚଞ୍ଚଳ ଥାଏ ମୋ ଦୁଆତ ଓ ସାହିତ୍ୟ କଲମ। ଅନେକ ଝଡ଼ଝଞ୍ଜା ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଭିନ୍ନ ଏକ ସଂସ୍ଥାରେ ସ୍ଥାୟୀ କର୍ମଚାରୀ ରୂପେ ଅଧିଷ୍ଠିତ ହୁଏ, ଯେଉଁଠାରେ ଏଯାବତ ମୁଁ କାର୍ଯ୍ୟରତ। ସମକାଳୀନ ସାହିତ୍ୟ ଜଗତରେ ନୂତନ ପ୍ରତିଭାକୁ ଅଗ୍ରାଧିକାର ଦେଇ ପ୍ରତିଷ୍ଠିତ ଓ ସାହିତ୍ୟପ୍ରେମୀଙ୍କ ଶବ୍ଦ ସମ୍ଭାରକୁ ନେଇ ପ୍ରତିଶ୍ରୁତି (ନୂଆ ସକାଳର ସଂକଳ୍ପ) ଭଳି ଏକ ଉପାଦେୟ ପତ୍ରିକା ନିର୍ମାଣ ହୁଏ, ଯାହାର ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ ଭାବେ ଲବ୍ଧ ପ୍ରତିଷ୍ଠିତ ହୁଏ ମୋ ସାରସ୍ୱତ ସ୍ୱୀକୃତି। 'ପ୍ରତିଶ୍ରୁତି' ପତ୍ରିକା ମୋର ମାନସ ସନ୍ତାନ। କଳା ସଙ୍ଗୀତରେ ରୁଚି ରଖୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ, ମୋ ମାତାପିତା, ମୋ ସହୋଦର, ମୋ ପରିବାର ସମସ୍ତଙ୍କୁ ହୃଦୟର ନିଭୃତକୋଣରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ଓ କଳା ସଙ୍ଗୀତରେ ଅନେକେ ପ୍ରସିଦ୍ଧି ଲଭିଥିବା ଏଭଳି ପରିବାରର ସନ୍ତାନ ଯୋଗୁ ମୁଁ ଗର୍ବିତ ଅନୁଭବ କରୁଛି।

# ଚୋରା ଚାହାଣୀର ଭିତିରି କଥା, ଭାବିଲେ ଘୁରାଇ ଦିଅଇ ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀର ଚୋରା ଚାହାଣୀରେ ମୁଁ ଘାଇଲା। ଏହି ସମୟରେ ପ୍ରେମ ଷ୍ଟାର୍ଟ କରିବା ଠିକ୍ ହେବ କି ?

*–ଅମିତ ସାହୁ, ବଲାଙ୍ଗୀର*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। 'ଚୋରା ଚାହାଣୀର ଭିତିରି କଥା, ଭାବିଲେ ଘୁରାଇ ଦିଅଇ ମଥା'। ଯଦି ସେହି ଚୋରା ଚାହାଣୀକୁ ଭଲ ଭାବରେ ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରିବାର ହୁଏତ ଆବଶ୍ୟକତା ନାହିଁ। ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ମୋ ଠାରୁ ବୟସରେ ବଡ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ କ'ଣ କରିବି ଜାଣିପାରୁନି।

*–ଅମିତାଭ, ବୁର୍ଲା*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ତାହା ଦେଖି ନେବାର ଥିଲା। ଏବେ ଏହା ଆପଣଙ୍କ ପ୍ରେମ ରାସ୍ତାରେ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ହେଲେ ଗୋଟିଏ କଥା ମନେ ରଖିବା ଦରକାର–ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*–ପ୍ରତାପ କୁମାର, ଅନୁଗୋଳ*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ?

*–ଦୀପକ, ପୁରୀ*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳୁଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*–ପ୍ରଭାତ ରାଉତ, କଟକ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏଭଳି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଷଲ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।



ସାଥୀ

# ବ୍ୟସ୍ତ ଅଛନ୍ତି ନୋରା


ନୋରା

ନୋରା ଫତେହି ଏବେ ଏକ ନୂଆ କାମକୁ ନେଇ ବ୍ୟସ୍ତ। ସେଥିଲାଗି ସେ ଦିନରାତି ଏକାଠି ବି କରିଦେଇଛନ୍ତି। ହେଲେ ଏହି କାମଟି ଏମିତି କ'ଣ ଯେ, ତାହାକୁ ନେଇ ସେ ଏତେ ବ୍ୟସ୍ତ। କଥା କ'ଣ କି ନୋରା ଏବେ ଏକ କାହାଣୀ ସନ୍ଧାନରେ ଅଛନ୍ତି। କେବଳ ସେତିକି ନୁହେଁ, ଜଣେ ନୂଆ ପ୍ରଯୋଜକଙ୍କ ସହ ମିଶି ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏ ବିଷୟରେ ନୋରା କହନ୍ତି, ''ନିକଟରେ ଜଣେ ନୂଆ ପ୍ରଯୋଜକଙ୍କ ସହ ମୋର ଭେଟ ହେଲା। କଥା ପ୍ରସଙ୍ଗରେ ଦୁହେଁ ଫିଲ୍ମଟିଏ ନିର୍ମାଣ କରିବାକୁ ଯୋଜନା କରିଛୁ। ହେଲେ ଏହି ସମୟରେ ମୁଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛି। ତାହା ହେଲା ଭଲ କାହାଣୀଟିଏ ଖୋଜିବା। ତେଣୁ ଏବେ ଏନେଇ ବ୍ୟସ୍ତ ରହିଛି। ଆଶା ରଖିଛି ମାସେ କିମ୍ବା ଦୁଇ ମାସ ଭିତରେ ମୋତେ ଏକ ମନଲାଖି କାହାଣୀ ନିଶ୍ଚୟ ମିଳିଯିବ। ଖାସ୍ କଥା ହେଲା, ଏଥିରେ ମୁଁ ଟାଇଟଲ ଭୂମିକାରେ ଅଭିନୟ କରିବି।'' ତେବେ ଏହି ଫିଲ୍ମ ପାଇଁ ନୋରା କିଭଳି କାହାଣୀ ଚଏସ୍ କରୁଛନ୍ତି ତାହା ଆଗକୁ ଜଣାପଡ଼ିବ। ନୋରା ହିନ୍ଦୀ, ତେଲୁଗୁ, ତାମିଲ ଫିଲ୍ମରେ ଅଭିନୟ କରିସାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ରୋର୍ : ଟାଇଗରସ୍ ଅଫ ଦ ସୁନ୍ଦରବନସ୍'।


ନିରଞ୍ଜନ ବେହେରା

## ମୌଳିକ କାହାଣୀକୁ ଗୁରୁତ୍ୱ ଦିଏ

ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନା କ୍ୟାରିୟର ଶ୍ରୀଧର ମାର୍ଥାଙ୍କ 'ଯୋଗୀ'ରୁ ଆରମ୍ଭ ହୋଇଥିଲା। ପ୍ରଥମ ସିନେମାର ସଫଳତା ପରେ ସେ ଇତିମଧ୍ୟରେ ପ୍ରାୟ ୧୫ଟି ସିନେମାର ନିର୍ଦ୍ଦେଶନା ଦେଇସାରିଲେଣି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ରହିଛି 'ଆଣ୍ଟି ନମସ୍କାର', 'ପ୍ରେମ ପାଇଁ ମହାଭାରତ', 'ହୀରୋ ନଂ ଜିରୋ', 'ଫୁଦ୍ ସିନେମା', 'ସାହାଣୀ ଘର କାହାଣୀ', 'ପ୍ରେମ ଶିକ୍ଷକ', 'ସରକାରୀ ଗ୍ୱାଇଁ' ଏବଂ 'ପ୍ରେମ ଲୀଳା'। ବର୍ତ୍ତମାନ ସେ ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଇନ୍‌ବାଲା'ର ନିର୍ଦ୍ଦେଶନା ଦେଉଛନ୍ତି। ଏହାର ପ୍ରଯୋଜନା କରିଛନ୍ତି ସୁଶାନ୍ତ କୁମାର ସାହୁ। ଏ ବିଷୟରେ ନିରଞ୍ଜନ କହନ୍ତି, ''କୌଣସି ସିନେମାର ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ ସେ ବିଷୟରେ ପ୍ରଥମେ ନିଜକୁ ଭଲ ଭାବରେ ପ୍ରସ୍ତୁତ କରେ। କାହାଣୀ ଚୟନ ସମୟରେ ମୌଳିକ କଥାବସ୍ତୁକୁ ଗୁରୁତ୍ୱ ଦିଏ। ତା'ସହ ଠିକ୍ ଭାବରେ କଳାକାର ଚୟନ, ସଂଳାପ, ଚିତ୍ରନାଟ୍ୟ, ସଙ୍ଗୀତ ଦିଗକୁ ସମାନ ଗୁରୁତ୍ୱ ଦେଇଥାଏ। ମୋଟ ଉପରେ ସିନେମାଟି ସବୁବର୍ଗର ଦର୍ଶକଙ୍କୁ ଯଦି ପ୍ରଭାବିତ କରିପାରିଲା ତେବେ ଶ୍ରମ ସାର୍ଥକ ହୋଇଥାଏ। ଏବେ 'ଲାଇନ୍‌ବାଲା'ର ନିର୍ଦ୍ଦେଶନା ଦେଉଛି। ଏହା ଏକ ସତ ଘଟଣା ଉପରେ ଆଧାରିତ। ସବୁଠାରୁ ବଡ଼ କଥା ହେଲା ଦର୍ଶକଙ୍କ ଭଲ ପାଇବା। ଏହା ମୋତେ ଆଗକୁ ଆଗେଇବାରେ ସାହାଯ୍ୟ କରିଛି।''

## ଦୋଛକିରେ ଜାହ୍ନବୀ

ବୋନି ତନୟା ଜାହ୍ନବୀ କପୁର ଏବେ ଦୋଛକିରେ ପଡ଼ିଛନ୍ତି? କାରଣ କ'ଣ ଜାଣନ୍ତି? ନିକଟରେ ଏକ ନୂଆ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। କାରଣ ଏହି ସଂସ୍ଥା ପକ୍ଷରୁ ପ୍ରସ୍ତୁତ ହେବାକୁ ଯାଉଥିବା ଏକ ନୂଆ ସିନେମାର ସେ ନାୟିକା ସାଜିବେ। ହେଲେ ତାକୁ ନେଇ ଜାହ୍ନବୀ ଦୋଛକିରେ ପଡ଼ିଯାଇଛନ୍ତି। ଅସଲ କଥା ହେଲା, ଏହି ନୂଆ ସିନେମାରେ ତାଙ୍କୁ ଡବଲ ରୋଲ୍‌ରେ ଅଭିନୟ କରିବାକୁ ଅଫର ଦିଆଯାଇଛି। ଏ ବିଷୟରେ ଜାହ୍ନବୀ କହନ୍ତି, ''ମୋତେ ଯେଉଁ ନୂଆ ଅଫରଟି ମିଳିଛି ସେଥିରେ ମୋର ଡବଲ ରୋଲ ଅଛି। ସେଥିରୁ ଜଣେ ଏକ ଗାଉଁଲି ଯୁବତୀ ହୋଇଥିବା ବେଳେ ଅନ୍ୟ ଭୂମିକାରେ ମୋତେ ଆକ୍ସନ ଶଟ୍ ଦେବାକୁ ପଡ଼ିବ। ତେଣୁ ଏଭଳି ଦୁଇଟି ଭିନ୍ନ ଭିନ୍ନ ଚରିତ୍ରକୁ କିପରି ତୁଲାଇବି ସେନେଇ ଦୋଛକିରେ ପଡ଼ିଛି। ହେଲେ ଭୂମିକାଦ୍ୱୟ ମୋତେ ଏଭଳି ପ୍ରଭାବିତ କରିଛି ଯେ ତାହାକୁ ହାତଛଡ଼ା କରିବାକୁ ଇଚ୍ଛା ହେଉନି। ଖୁବ୍ ଶୀଘ୍ର ଏନେଇ ଶେଷ ନିଷ୍ପତ୍ତି ନିଶ୍ଚୟ ନେବି।'' ଅନ୍ୟପକ୍ଷରେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ତା'ସହ ଏହାର ପ୍ରାରମ୍ଭିକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ଜାହ୍ନବୀ ଏହି ଫିଲ୍ମରେ ଅଭିନୟ କରନ୍ତି ତେବେ ତାହା ତାଙ୍କ କ୍ୟାରିୟରକୁ କେତେ ମାଇଲେଜ ତାହା ଦେଖିବାକୁ ବାକି ରହିଲା।

## ଯଦି ତାକି ହୋଇଥାଆନ୍ତେ ପ୍ରିୟଙ୍କା...

ପ୍ରିୟଙ୍କା ଚୋପ୍ରାଙ୍କ ଆକ୍ଟିଂ କ୍ୟାରିୟର ଏକ ତାମିଲ ଫିଲ୍ମରୁ ଆରମ୍ଭ ହୋଇଥିଲା, ଯାହାର ଟାଇଟଲ ଥିଲା 'ଥାମିଜାନ୍'। କିନ୍ତୁ ପ୍ରକୃତରେ ତାଙ୍କୁ ପ୍ରଥମେ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ନିର୍ଦ୍ଦେଶକ ଯୋଡ଼ି ଆବାସ-ମସ୍ତାନ 'ହମରାଜ' ପାଇଁ ଏକ ନୂଆ ମୁହଁ ଖୋଜୁଥାଆନ୍ତି। ଏହି ସମୟରେ ଦୁହିଁଙ୍କ ମନକୁ ପ୍ରିୟଙ୍କାଙ୍କ କଥା ଆସିଥିଲା। ବିଳମ୍ବ ନକରି ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ପ୍ରିୟଙ୍କା ଏନେଇ ନିଷ୍ପତ୍ତି ନେବାକୁ କିଛି ଦିନ ସମୟ ନେଇଥିଲେ। କିନ୍ତୁ ଶେଷରେ ଆବାସ-ମସ୍ତାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ନିକଟରେ ଏହାର ରହସ୍ୟ ଖୋଲିଛନ୍ତି ପ୍ରିୟଙ୍କା। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ମୋତେ 'ହମରାଜ୍' ଅଫର ମିଳିଲା, ସେତେବେଳେ ମୋ ହାତରେ କେତେଗୁଡ଼ିଏ ବିଜ୍ଞାପନ ଥିଲା ଏବଂ ସେଗୁଡ଼ିକର ଶୁଟିଂ କିପରି ଶେଷ କରିବି ସେ ନେଇ ବ୍ୟସ୍ତ ଥିଲି। ଏହି ସମୟରେ ମୋତେ ଅଫରଟି ମିଳିଥିଲା। ତା'ସହ କେତେକ କଥାକୁ ନେଇ ପ୍ରଯୋଜନା ସଂସ୍ଥା ସହ ସହମତି ବି ହୋଇପାରିଲା ନାହିଁ। ଫଳରେ ବାଧ ହୋଇ ଅଫରଟିକୁ ହାତଛଡ଼ା କରିଥିଲି। ନ ହେଲେ ହିନ୍ଦୀ ସିନେମାରୁ ହିଁ ମୋର ଆକ୍ଟିଂ ଆରମ୍ଭ ହୋଇଥାଆନ୍ତା। ହେଲେ ସେହି ବର୍ଷ (୨୦୦୨) ମୋତେ ତାମିଲ ଫିଲ୍ମ 'ଥାମିଜାନ୍'ରେ ଅଭିନୟ କରିବାର ସୁଯୋଗ ମିଳିଲା ଏବଂ ତାହା ଥିଲା ମୋ ଅଭିନୀତ ପ୍ରଥମ ସିନେମା।'' ବର୍ତ୍ତମାନ ସେ ଆକ୍ସନଭିତ୍ତିକ ତେଲୁଗୁ ଫିଲ୍ମ 'ବାରଣାସୀ'ରେ ଅଭିନୟ କରୁଛନ୍ତି। ଏସ.ଏସ. ରାଜମୌଳିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ପ୍ରିୟଙ୍କାଙ୍କ ନାୟକ ସାଜିଛନ୍ତି ମହେଶ ବାବୁ।


ଜାହ୍ନବୀ


ପ୍ରିୟଙ୍କା

## ହାଃ ହାଃ

### ଏମ୍‌ଏସ୍

ଶିକ୍ଷକ ପପୁକୁ–ମାଇକ୍ରୋସଫ୍ଟ ପ୍ରଡକ୍ଟର ଯେକୌଣସି ୪ଟି ନାମ କୁହ।
ପପୁ– ଏମ୍‌ଏସ୍ ୱାର୍ଡ, ଏମ୍‌ଏସ୍ ଏକ୍ସେଲ୍, ଏମ୍‌ଏସ୍ ପାୱାର୍ ପଏଣ୍ଟ...
ଶିକ୍ଷକ– ଆଉ ଗୋଟେ କ'ଣ ?
ପପୁ କିଛି ସମୟ ଭାବିବା ପରେ– ଏମ୍‌ଏସ୍ ଧୋନୀ।

### ଚୁଟି

ଜଣେ ବୃଦ୍ଧ ଲୋକ ସେଲୁନ୍ ଯାଇଥାଆନ୍ତି। ତାଙ୍କ ମୁଣ୍ଡରେ ମାତ୍ର ୧୦–୧୨ଟି ଚୁଟି ଥାଏ।
ବୃଦ୍ଧ ବ୍ୟକ୍ତି ଯାଇ ସେଲୁନ୍ ଚେୟାର୍‌ରେ ବସିପଡିଲେ।
ସେଲୁନ୍‌ବାଲା– ଆଜ୍ଞା, ମୁଁ କେଶ ଗଣିବି ନା, କାଟିବି ?
ବୃଦ୍ଧ ବ୍ୟକ୍ତି– କଲର୍ କରିଦିଅ।

### ଲାଭ

ରୋଗୀ ଡାକ୍ତରଙ୍କୁ ରାଗିକି– ତିନି ଦିନ ହେଲାଣି ଆପଣ ମତେ ଶହେ ଶହେ ଟଙ୍କାର ମେଡିସିନ୍ ଦେଉଛନ୍ତି। ହେଲେ କିଛି ଲାଭ ହଉନି।
ଡାକ୍ତର– ଏଥିରେ ରାଗିବାର କ'ଣ ଅଛି ? ହଉ, ଆଜି ମୁଁ ତୁମକୁ ୮୦ ଟଙ୍କାର ମେଡିସିନ୍ ଲେଖିଦେବି। ତୁମର ୨୦ ଟଙ୍କାର ଲାଭ ହେଇଯିବ।

### ଡାଏଟ୍

ପିଜ୍ଜା ଶପ୍‌ରେ ଝିଅଟିଏ ପିଜ୍ଜା ଅର୍ଡର କରିଥାଏ।
ୱେଟର୍ ଆଣି– ମ୍ୟାଡାମ୍ ପିଜ୍ଜାକୁ ୮ ପିସ୍ କରିବି ନା ୪ ପିସ୍ ?
ଝିଅ–୪ ପିସ୍ କରିଦିଅ। ମୁଁ ଡାଏଟ୍‌ରେ ଅଛି। ୮ ପିସ୍ ଖାଇଲେ ମୋଟି ହେଇଯିବି।

### ବୋରିଂ

ରାଜୁ ପପୁକୁ– ଆରେ ସାଙ୍ଗ ମୋ ଜୀବନ ପୂରା ବୋରିଂ ହେଇଗଲାଣି। ଏକ୍ସାଇଟ୍‌ମେଣ୍ଟ ନାହିଁ, ମଜା ନାହିଁ କି ହଙ୍ଗାମା ନାହିଁ। କ'ଣ କରିବି କହିଲୁ ?
ପପୁ– ଗୋଟେ କାମ କର, ମୋବାଇଲରେ 'ଆଇ ଲଭ୍ ୟୁ' ଲେଖି ସ୍ପେସ୍ ଦେଇ ଗର୍ଲଫ୍ରେଣ୍ଡର ନାଁ ଲେଖି ସ୍ତ୍ରୀକୁ ପଠେଇ ଦେବୁ। ଦେଖିବୁ ତୋ ଲାଇଫ୍‌ରେ ଖାଲି ହଙ୍ଗାମା ହିଁ ହଙ୍ଗାମା ହେବ।




# ଶେରଗଡ଼


**୧୧୬୮** ରେ ରାଜପୁତନା (ରାଜସ୍ଥାନ) ସବେ ଜୟପୁର ରାଜପରିବାରର ଯୁବରାଜ ଶୋଭାଚନ୍ଦ୍ର ସିଂହ ଶିକାର ଉଦ୍ଦେଶ୍ୟରେ ଘଞ୍ଚ ଜଙ୍ଗଲରେ ପ୍ରବେଶ କରି ବାଟଭୁଲି କଳିଙ୍ଗର କନ୍ଧ ଅଧ୍ୟୁଷିତ ଅଞ୍ଚଳରେ ପହଞ୍ଚିଥିଲେ ଓ କାଳକ୍ରମେ ଖିଣ୍ଡିରିଶୃଙ୍ଗ ବା ଖିଡିସିଙ୍ଗ ନାମକ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହାର ଉତ୍ତରରେ ପୂର୍ବଖଣ୍ଡ ରାଜ୍ୟର ହିଞ୍ଜିଳିକାଟୁ, ଦକ୍ଷିଣରେ ଘୁମୁସର ରାଜ୍ୟର ଲାଠିପଡା, ପୂର୍ବରେ ସାନଖେମୁଣ୍ଡି ରାଜ୍ୟର ପାଟପୁର ଓ ପଶ୍ଚିମରେ ଗଦାପୁର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଖିଡିସିଙ୍ଗ ନଳରାଜ ବଂଶର ସପ୍ତମ ରାଜା ବଳିୟାର ସିଂହ ରାଜପୁତ୍ରମାନଙ୍କ ମଧ୍ୟରେ ବିବାଦ ଲାଗିବାରୁ ଖ୍ରୀ. ୧୬୪୫ରେ ନିଜ ରାଜ୍ୟକୁ ଚାରି ଭାଗରେ ବିଭକ୍ତ କରି ଚାରି ପୁତ୍ରମାନଙ୍କ ମଧ୍ୟରେ ପର୍ଶୁରାମ ସିଂହଙ୍କୁ ଶେରଗଡ, ସିଂହଙ୍କୁ ବଡଗଡ, ହାଡୁ ସିଂହଙ୍କୁ ଧରାକୋଟ ଓ ଅଭୟ ସିଂହଙ୍କୁ ସୋରଡା ରାଜ୍ୟର ଶାସନ ଭାର ବାଣ୍ଟିଥିଲେ ।

ତତ୍କାଳୀନ ସମୟରେ ଗଞ୍ଜାମ ଜିଲା ଭାରତର ଗୋଲକୁଣ୍ଡର ସୁଲତାନମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଗୋଲକୁଣ୍ଡର ସୁଲତାନ ସେର ମହମ୍ମଦ ଖାଁଙ୍କୁ ଚିକକୋଲର ଫୌଜଦାର ନିଯୁକ୍ତ କରି ଗଞ୍ଜାମର ରାଜସ୍ୱ ଆଦାୟ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ । ଖିଡିସିଙ୍ଗ ବଣ୍ଟନ କାର୍ଯ୍ୟ ଚିକକୋଲର ଫୌଜଦାର, ଖେମୁଣ୍ଡିର ରାଜା, ମହୁରିର ରାଜା ଓ ଟିକିଟିର ରାଜା ପ୍ରମୁଖଙ୍କ ଉପସ୍ଥିତିରେ କରାଯାଇଥିଲା । ଭ୍ରାତୃବିବାଦ ସମାଧାନ କରିବାରେ ସେର ମହମ୍ମଦଙ୍କ ସାହାଯ୍ୟର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ବୃଦ୍ଧରାଜା ବଳିୟାର ସିଂହ ପୁତ୍ର ପରଶୁରାମ ସିଂହଙ୍କ ରାଜ୍ୟକୁ ସେର ମହମ୍ମଦଙ୍କ ନାମରେ ନାମିତ କରିଥିଲେ, ଯାହା କାଳକ୍ରମେ ଅପଭ୍ରଂଶ ହୋଇ ଶେରଗଡ଼ ହୋଇଛି।

ଦେଶ ମାତୃକାକୁ ବିଦେଶୀ ଇଂରେଜମାନଙ୍କଠାରୁ ରକ୍ଷା କରିବା ପାଇଁ ଶେରଗଡ଼ ରାଜା ଅଦ୍ୱୈତ ସିଂଦେଓଙ୍କ ଆତ୍ମବଳି ଓଡ଼ିଶା ଇତିହାସରେ ଲିପିବଦ୍ଧ।

୧୭୭୯ ଖ୍ରୀ.ଅ.ରେ ସେ ଶେରଗଡ଼ ରାଜା ଭାବରେ ଅଭିଷିକ୍ତ ହେଲେ । ଇଂରେଜମାନଙ୍କ ହାତରୁ ମାତୁଳ ରାଜ୍ୟ ଘୁମୁସରକୁ ରକ୍ଷା କରିବା ପାଇଁ ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କଲେ । ଏଥିରେ ସାନଖେମୁଣ୍ଡି, ବଡଖେମୁଣ୍ଡି, ମହୁରି, ସୁରଙ୍ଗୀ, ଜଳନ୍ତାର ଓ ଜରଦା ରାଜ୍ୟକୁ ଏକତ୍ର କରିଥିଲେ । ତାଙ୍କ ମିଳିତ ସୈନ୍ୟବାହିନୀ ଶେରଗଡଠାରେ ପହଞ୍ଚିବା ଖବର ଗୁପ୍ତଚରଠାରୁ ପାଇ ଇଂରେଜ ସୈନ୍ୟବାହିନୀର ସେନାପତି ଲ୍ୟୁଟନାଣ୍ଟ କଲୋନେଲ ସ୍ମିଥ ରାତାରାତି ଶେରଗଡ ଅଭିମୁଖେ ଅଗ୍ରସର ହେଲେ । ଖ୍ରୀ ୧୮୦୦ ମେ' ମାସରେ ଶେରଗଡ ନିକାଷ୍ଠ ପଥରପୁଞ୍ଜିଠାରେ ସୈନ୍ୟବାହିନୀ ଓ ଗଞ୍ଜାମ ଜିଲା ଦକ୍ଷିଣ ରାଜାଙ୍କ ମିଳିତ ସୈନ୍ୟବାହିନୀର ନେତୃତ୍ୱ ନେଇଥିବା ଶେରଗଡର ରାଜା ଅଦ୍ୱୈତ ସିଂଦେଓ ଇଂରେଜ ବିରୁଦ୍ଧରେ ଯୁଦ୍ଧ କରି ପ୍ରାଣବଳୀ ଦେଇଥିଲେ । ଏହି ଯୁଦ୍ଧ ଓଡ଼ିଶା ସ୍ୱାଧୀନତା ସଂଗ୍ରାମକୁ ଆଗକୁ ବଢେଇବାର ଇନ୍ଧନ ଦେଲା। ମହାରାଜା ଶ୍ୟାମସୁନ୍ଦର ସିଂଦେଓଙ୍କ ଶାସନ କାଳରେ ୧୮୧୭ରେ ଖୋର୍ଦ୍ଧାର ଐତିହାସିକ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା। ବକ୍ସି ଜଗବନ୍ଧୁ ବିଦ୍ୟାଧର ଶେରଗଡ଼ ରାଜା ହରିକୃଷ୍ଣଙ୍କ କନ୍ୟା ରାଧାମଣି ଜେମାଦେଈଙ୍କୁ ବିବାହ କରିଥିବାରୁ କିଛିକାଳ ଶେରଗଡ଼ରେ ଆତ୍ମଗୋପନ କରି ପାଇକ ବିଦ୍ରୋହକୁ ଜାରି ରଖିଥିଲେ। ଖ୍ରୀ୧୮୫୯ରେ ରାଜା ଶ୍ୟାମସୁନ୍ଦର ସିଂଦେଓଙ୍କ ମୃତ୍ୟୁ ପରେ ରାଜାହୀନ ଶେରଗଡ଼ ପ୍ରତି ପଡୋଶୀ ବଡଗଡ ରାଜା ଦୁର୍ଗାମାଧବ ସିଂଦେଓ ଦାବି ସାବ୍ୟସ୍ତ କଲେ। କିନ୍ତୁ ବିଧବା ରାଣୀଙ୍କ ପ୍ରବଳ ବିରୋଧ ଫଳରେ ଉଭୟପକ୍ଷ ଅଦାଲତର ଆଶ୍ରୟ ନେଲେ। ପରେ ଟିକିଟି ରାଜା ବିଶ୍ୱମ୍ଭର ଦେଓଙ୍କ ତୃତୀୟ ପୁତ୍ର ନୃସିଂହ ଦେଓ ଶେରଗଡ଼ ରାଜ ସିଂହାସନ ଆରୋହଣ କଲେ । ଏଠାରେ ଥିବା ମନ୍ଦିର ଓ ମଠ ହେଲା ଶ୍ରୀଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ରଘୁନାଥ ମନ୍ଦିର, ଗୋପୀନାଥ ମନ୍ଦିର, ଶ୍ରୀଚୈତନ୍ୟ ମନ୍ଦିର, ରାଣାବାହୁଟି ମନ୍ଦିର, ଶୀତଳା ମନ୍ଦିର, ରାମଚଣ୍ଡୀ ମନ୍ଦିର, ଜୟଚଣ୍ଡୀ ମନ୍ଦିର, ହରେଶ୍ୱର ମହାଦେବ ମନ୍ଦିର, ବୁଦ୍ଧେଶ୍ୱର ମନ୍ଦିର, ସନ୍ତୋଷୀ ମନ୍ଦିର, ହନୁମାନ ମନ୍ଦିର, ଦକ୍ଷିଣକାଳୀ ମନ୍ଦିର ଓ ଭାଗବତ ଗାଦି। ଗୁଣ୍ଡିଚା ସମୟରେ ଏଠାରେ ଶ୍ରୀଜଗନ୍ନାଥଙ୍କ ଉପାଧି ଭୋଗ ବହୁ ପ୍ରସିଦ୍ଧ ଅଟେ ।

**– ଚିନ୍ମୟ ରଞ୍ଜନ ମିଶ୍ର**
**ଫଟୋ:ସୁବ୍ରତ ପଣ୍ଡା**
*ମୋ:୯୪୩୯୪୦୭୧୮୯*
*ସହାୟକ ଗ୍ରନ୍ଥ: ସମ୍ରାଟ୍(୨୦୧୩)*


ଓଡ଼ିଶାର ପ୍ରଥମ ସହିଦ: ଶେରଗଡ଼ ରାଜା
**ଶ୍ରୀ ଅଦ୍ୱୈତ ସିଂହଦେଓ**
ଶାସନ କାଳ (୧୭୭୯- ୧୮୦୦)





# କ୍ରିସ୍‌ମସ୍ ଡେଷ୍ଟିନେଶନ

**କ୍ରିସ୍‌ମସ୍ ଅବସରରେ ଯଦି କେଉଁଠିକି ବୁଲିଯିବାର ପ୍ଲାନିଂ ଅଛି, ଏମିତି କିଛି ଡେଷ୍ଟିନେଶନ ବାଛନ୍ତୁ; ଯେଉଁଠିକୁ ଯାଇ କ୍ରିସ୍‌ମସ୍ ଛୁଟିର ଭରପୂର ଆନନ୍ଦ ନେବା ସହ କିଛିଟା ନିଆରା ଅନୁଭୂତି ବି ସାଉଁଟି ପାରିବେ...**

ଆନନ୍ଦ ଉଲ୍ଲାସର ପର୍ବ କ୍ରିସ୍‌ମସ୍ ଅବସରରେ ସ୍କୁଲ, କଲେଜ ଛୁଟି ରହୁଥିବା ଯୋଗୁ ପ୍ରାୟତଃ ଅଭିଭାବକ ନିଜ ପରିବାରକୁ ନେଇ କୁଆଡ଼େ ଟିକେ ବୁଲି ଆସିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣଙ୍କର ବି ସେମିତି କିଛି ପ୍ଲାନିଂ ଥାଏ, ତା'ହେଲେ ଏଠାରେ କିଛି ବିଶେଷ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଉଛି ; ଯେଉଁଠି କି ବୁଲିଗଲେ କ୍ରିସ୍‌ମସ୍ ଛୁଟିର ଭରପୂର ଆନନ୍ଦ ନେଇହେବା ସହ କିଛିଟା ନିଆରା ଅନୁଭୂତି ବି ସାଉଁଟି ହୋଇପାରିବ...



✲ **ଗୋଆ:** ଏଠାକାର ସମୁଦ୍ରତଟରେ ରାତିସାରା ଚାଲୁଥିବା କ୍ରିସ୍‌ମସ୍ ପାର୍ଟିର ମଜା ନେବା ସାଙ୍ଗକୁ ରଙ୍ଗିନ ଲାଇଟ୍ସ ତଥା ଫୁଲରେ ସଜ୍ଜିତ ଚର୍ଚ୍ଚଗୁଡ଼ିକୁ ବୁଲି ଦେଖିବା କ୍ରିସ୍‌ମସ୍ ଅବସରରେ ନିଆରା ଅନୁଭୂତି ଦେଇଥାଏ। କେବଳ କ୍ରିସ୍‌ମସ୍ ଅବସରରେ ନୁହେଁ, ବାକି ସମୟରେ ବି ଗୋଆର ନାଇଟ୍ ଲାଇଫ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏଥିରେ ନାଚ, ଗୀତର ଆସର ସାଙ୍ଗକୁ ଖାଇବା ପିଇବାର ମଧ୍ୟ ସୁବିଧା ଉପଲବ୍ଧ ରହିଥାଏ।




✲ **ପୁଡୁଚେରୀ:** ଏଠାରେ ବି ବେଶ୍ ଜାକଜମକରେ କ୍ରିସ୍‌ମସ୍ ପର୍ବକୁ ପାଳନ କରାଯାଇଥାଏ। ଚର୍ଚ୍ଚ ଓ ରାସ୍ତାଘାଟକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯିବା ସହ ନାନାଦି ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଏଠି ଦେଖିବାକୁ ମିଳେ। କେବଳ ସେତିକି ନୁହେଁ, ଫ୍ରାନ୍ସିସି ପରମ୍ପରାର କିଛିଟା ନିଆରା ଛାପ ଏଠାକାର ସଂସ୍କୃତି, ବାସ୍ତୁକଳା, ଭାଷା, ଖାଦ୍ୟପେୟରେ ମଧ୍ୟ ଦେଖିବାକୁ ମିଳେ। ପର୍ଯ୍ୟଟକ ଏଠାକୁ ବୁଲିଗଲେ କ୍ରିସ୍‌ମସ୍ ପର୍ବର ଆନନ୍ଦ ନେବା ସହ ଭିନ୍ନ କିଛି ଅନୁଭୂତି ବି ସାଉଁଟିପାରିବେ।

✲ **ଶିମ୍‌ଲା:** ଏଠାକାର ଶାନ୍ତ, ମନୋରମ ପରିବେଶରେ କ୍ରିସ୍‌ମସ୍ ପାଳନ କରିବାର ମଜା ବେଶ୍ ନିଆରା ଲାଗେ। ବରଫାବୃତ ପାହାଡ଼ର ଅପୂର୍ବ ଦୃଶ୍ୟ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ଏଠାକାର ଗୀର୍ଜାଘର ଓ ରାସ୍ତାଘାଟ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଘରେ ଘରେ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ତା'ସହିତ ସ୍ଥାନେ ସ୍ଥାନେ କ୍ରିସ୍‌ମସ୍ କୋରାଲ୍‌ର ସୁମଧୁର ଗାନ ଶୁଣିବାକୁ ବେଶ୍ ଶ୍ରୁତିମଧୁର ଲାଗେ।



✲ **କୋଲକାତା:** ଏହି ସ୍ଥାନକୁ ଅନେକେ ଖୁସିର ସହର ବୋଲି ବି କହିଥାନ୍ତି। କାରଣ ଏଠାରେ ସବୁ ପର୍ବ, ପରମ୍ପରାକୁ ବେଶ୍ ଜାକଜମକରେ, ଆନନ୍ଦ ଉଲ୍ଲାସରେ ଲୋକେ ପାଳନ କରିଥାନ୍ତି। ବିଶେଷକରି କ୍ରିସ୍‌ମସ୍ ଅବସରରେ ଏଠାରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଲାଇଟ୍ ଆଣ୍ଡ ସାଉଣ୍ଡ ପ୍ରୋଗ୍ରାମ୍, ରକ୍ ବ୍ୟାଣ୍ଡ ଶୋ' ଆଦି ପର୍ଯ୍ୟଟକଙ୍କ ଭିତରେ ବେଶ୍ ଖୁସି ଭରି ଦେଇଥାଏ। ସେଥିପାଇଁ ତ ଏହି ବିଶେଷ ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି।



✲ **ବାଙ୍ଗାଲୋର:** ଖାଇବା, ପିଇବାରେ ସଉକ ରଖୁଥିବା ପର୍ଯ୍ୟଟକଙ୍କ ପାଇଁ କ୍ରିସ୍‌ମସ୍ ଅବସରରେ ବାଙ୍ଗାଲୋର ବୁଲିଯିବା ଏକ ବେଷ୍ଟ ଅପ୍ସନ ହୋଇପାରେ। କାରଣ କ୍ରିସ୍‌ମସ୍ ପାଇଁ ଏଠାକାର ଚର୍ଚ୍ଚ ତଥା ରାସ୍ତାଘାଟକୁ ସୁନ୍ଦର ଆଲୋକମାଳାରେ ସଜାଯିବା ସହ ପ୍ରତି ଦୋକାନରେ ସ୍ୱାଦିଷ୍ଟ ବ୍ୟଞ୍ଜନମାନ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ପ୍ଲମ୍ କେକ୍ ଏଠାକାର ଖୁବ୍ ସୁଆଦିଆ ଲାଗିଥାଏ।

✲ **ମନାଲି:** ପ୍ରତିବର୍ଷ କ୍ରିସ୍‌ମସ୍ ଅବସରରେ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କର ସମାଗମ ହୋଇଥାଏ। କାରଣ ଏହି ସମୟରେ ଏଠାରେ ତୁଷାରପାତର ଅନୁଭୂତି ନେବା ସହ ସ୍କିଂ, ସ୍ନୋବୋର୍ଡିଂ, ବରଫର ଗୋଲା ସହ ଖେଳିବାର ମଜା, ଆଉ ତା'ସାଙ୍ଗକୁ ବରଫରେ କ୍ରିସ୍‌ମସ୍ ଟ୍ରି ସଜାଇ ହ୍ୱାଇଟ୍ କ୍ରିସ୍‌ମସ୍ ମନାଇବାରେ ଥାଏ ନିଆରା ଆନନ୍ଦ।



✲ **ଶିଲଂ:** ଏଠାରେ ବି ବହୁ ସଂଖ୍ୟାରେ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଲୋକ ରହୁଥିବାରୁ କ୍ରିସ୍‌ମସ୍ ପର୍ବକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ବିଶେଷ ଅବସରରେ ଏଠାକାର ସମସ୍ତ ଘର, ରାସ୍ତାଘାଟ, ଚର୍ଚ୍ଚ ଆଦିକୁ ସୁନ୍ଦର ଭାବେ ସଜାଯିବା ସହ ନାନାଦି ସୁସ୍ୱାଦୁ ଭୋଜନର ଆୟୋଜନ କରାଯାଇଥାଏ। ସ୍ଥାନେ ସ୍ଥାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ବି ଦେଖିବାକୁ ମିଳେ। କ୍ରିସ୍‌ମସ୍ ଛୁଟି କଟାଇବା ପାଇଁ ଶିଲଂ ଆଉ ଏକ ଭଲ ଅପ୍ସନ ବି ହୋଇପାରେ।

ଏହିସବୁ ସ୍ଥାନ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ସିକ୍କିମ୍ ଆଦି ସ୍ଥାନକୁ ମଧ୍ୟ କ୍ରିସ୍‌ମସ୍ ଛୁଟି କଟାଇବାକୁ ଯାଇପାରିବେ।



# ସାଣ୍ଟାଙ୍କ ପୋଷାକ କାହିଁକି ନାଲି ଧଳା ରଙ୍ଗର

**ନାଲି ଧଳାରଙ୍ଗର କୋଟ୍ ସାଙ୍ଗକୁ ଧଳା ଦାଢ଼ି ହାତରେ ପୁଣି ଏକ ବଡ଼ ଥଳୀ । ହୋ...ହୋ.. ହୋଇ ହସି ଖୁସି ବାଣ୍ଟୁଥିବା ମଣିଷଟି ସାଣ୍ଟା କ୍ଲସ୍ ବୋଲି ସମସ୍ତେ ଜାଣନ୍ତି । ତେବେ କେବେ ଭାବିଛନ୍ତି ସାଣ୍ଟା କ୍ଲସ୍ କାହିଁକି ଲାଲ ଧଳା ବସ୍ତ୍ର ପିନ୍ଧନ୍ତି? ଜାଣନ୍ତୁ ସେ ସମ୍ପର୍କରେ...**

ସାଣ୍ଟା କ୍ଲସ୍ ଲାଲ ଧଳା ରଙ୍ଗର ପୋଷାକ ପିନ୍ଧିବା ପଛରେ ଅନେକ କାରଣ ରହିଛି । ଯେଉଁଥିରେ ଏହାର ଇତିହାସ, ସାଂସ୍କୃତିକ ସନ୍ଦର୍ଭ ଓ ମାର୍କେଟିଂ ଫ୍ୟାକ୍ଟର ସାମିଲ ଅଛି ।

**ସାଣ୍ଟା କ୍ଲସ୍ ଇତିହାସରେ ଲାଲ ରଙ୍ଗର ମହତ୍ତ୍ୱ**

**ସେଣ୍ଟ ନିକୋଲସ୍:** ସାଣ୍ଟା କ୍ଲସ୍‌ର କାହାଣୀ ଚତୁର୍ଥ ଶତାବ୍ଦିର ଗ୍ରୀକ୍ ବିଶପ୍ ସେଣ୍ଟ ନିକୋଲସ୍‌ଙ୍କ ସହ ଜଡ଼ିତ । ସେଣ୍ଟ ନିକୋଲସ୍ ଲାଲ ରଙ୍ଗର ପାରମ୍ପରିକ ରୋବ୍ ପିନ୍ଧୁଥିଲେ । ଏହା ବି କୁହାଯାଏ ଯେ, ସେ ଖୁବ୍ ଦୟାଳୁ ଓ ଉଦାର ଥିଲେ, ଯେକି ଗରିବ ପିଲାଙ୍କୁ ଲୁଚିଛପି ଉପହାର ଦେଉଥିଲେ ।

**ପ୍ରେମର ପ୍ରତିକ:** ଖ୍ରୀଷ୍ଟ ଧର୍ମରେ ଲାଲ ରଙ୍ଗକୁ ଶହିଦ ଓ ପ୍ରେମର ପ୍ରତିକ ଭାବେ ଗଣନା କରାଯାଉଥିଲା । ସେଣ୍ଟ ନିକୋଲସ୍‌ଙ୍କୁ ତାଙ୍କର ଉଦାର କାର୍ଯ୍ୟ ପାଇଁ ଏକ ସନ୍ଥ ରୂପରେ ସମ୍ମାନିତ କରାଯାଉଥିଲା । ସେଥିପାଇଁ ଲାଲରଙ୍ଗ ତାଙ୍କ ସହ ଜଡ଼ିତ ହୋଇଥାଇପାରେ ।

**କବିତାରେ ସାଣ୍ଟା କ୍ଲସ୍‌ଙ୍କ ଛବି:** ଉନବିଂଶ ଶତାବ୍ଦୀରେ ଆମେରିକାର କବି କ୍ଲେମେଣ୍ଟ କ୍ଲାର୍କ ମୁର୍ 'ଏ ଭିଜିଟ୍ ଫ୍ରମ୍ ସେଣ୍ଟ ନିକୋଲସ୍' ନାମକ ଏକ କବିତା ଲେଖିଥିଲେ । ଯେଉଁଥିରେ ସେ ସେଣ୍ଟ ନିକୋଲସ୍‌ଙ୍କୁ ଜଣେ ମୋଟା ହସଖୁସିଆ ବୁଢା ବ୍ୟକ୍ତିଭାବେ ବର୍ଣ୍ଣନା କରିଥିଲେ । ହେଲେ ସେ ସେଣ୍ଟ ନିକୋଲସ୍‌ଙ୍କ କପଡା ଉପରେ କୌଣସି ଖାସ୍ ତଥ୍ୟ ଦେଇ ନ ଥିଲେ ।

**ଧଳାରଙ୍ଗର ମହତ୍ତ୍ୱ:**

**ଶୁଦ୍ଧତା ଓ ପବିତ୍ରତା:** ଧଳାରଙ୍ଗକୁ ଶୁଦ୍ଧତା ଓ ପବିତ୍ରତାର ପ୍ରତିକ ଭାବେ ବିଶ୍ୱାସ କରାଯାଏ । ସାଣ୍ଟା କ୍ଲସ୍‌ଙ୍କ ଦାଢି ଓ ପୋଷାକରେ ଥିବା ଧଳାରଙ୍ଗ ତାଙ୍କର ଦୟାଳୁ ଓ ପବିତ୍ର ଛବିକୁ ଦର୍ଶାଇଥାଏ ।

**ବରଫ ଓ ଶୀତ:** ଧଳାରଙ୍ଗ ବରଫ ସହ ଜଡ଼ିତ, ଯାହାକି କ୍ରିସ୍‌ମସ୍ ମାସର ମୁଖ୍ୟ ଅଂଶ । ସେଥିପାଇଁ ସାଣ୍ଟା କ୍ଲସ୍‌ଙ୍କ କପଡ଼ାର ଧଳାରଙ୍ଗ କ୍ରିସ୍‌ମସ୍ ଥିମ୍ ସହ ମେଳ ଖାଏ ।

**ମାର୍କେଟିଂ କ୍ୟାମ୍ପେନ କଲା ଲୋକପ୍ରିୟ**

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଏକ ସଫ୍ଟ ଡ୍ରିଙ୍କ କମ୍ପାନୀ ସାଣ୍ଟା କ୍ଲସ୍‌ର ଛବିକୁ ନିଜ ମାର୍କେଟିଂର ରଣନୀତିରେ ସାମିଲ କରିଥିଲେ । କମ୍ପାନୀ ସାଣ୍ଟାଙ୍କୁ ଲାଲ ଓ ଧଳା ରଙ୍ଗର କପଡ଼ା ପିନ୍ଧିଥିବାର ଦେଖାଇଥିଲା, ଯାହାକି ସଫ୍ଟ ଡ୍ରିଙ୍କ୍ ବୋତଲର ରଙ୍ଗ ସହ ମେଳ ଖାଉଥିଲା । କମ୍ପାନୀର ବିଜ୍ଞାପନ ସାଣ୍ଟା କ୍ଲସ୍‌ର ଛବିକୁ ସାରା ପୃଥିବୀରେ ଲୋକପ୍ରିୟ କରାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ଆଜିକାଲି ଆମେ ସମସ୍ତେ ସାଣ୍ଟା କ୍ଲସ୍‌ଙ୍କୁ ଯେଉଁ ଲାଲ ଓ ଧଳା ରଙ୍ଗର ପୋଷାକ ପିନ୍ଧିଥିବାର ଦେଖୁଛେ, ସେଥିରେ ସଫ୍ଟ ଡ୍ରିଙ୍କ କମ୍ପାନୀର ମାର୍କେଟିଂ କ୍ୟାମ୍ପେନର ଅନେକ ଯୋଗଦାନ ରହିଛି ।





# ଏଠି ଖାଆନ୍ତି ଜୋତା

ପାଦରେ ପିନ୍ଧା ଯାଉଥିବା ଜୋତାକୁ ଖାଇବା କଥା କେହି କେବେ ଭାବି ନ ଥିବେ । ହେଲେ ନ୍ୟୁଜର୍ସିରେ ଅଛି ଏମିତି ଏକ ଦୋକାନ, ଯେଉଁଠିକୁ ଲୋକେ ଯାଆନ୍ତି ଜୋତା ଖାଇବାକୁ । ସେ ପୁଣି ଲମ୍ବା ଲାଇନ୍ ଲାଗିଥାଏ ଏହାକୁ ଖାଇବା ପାଇଁ । ସୁନ୍ଦର ସୁନ୍ଦର ସ୍ୟାଣ୍ଡେଲ, ହାଇ ହିଲ୍‌କୁ ଖାଇ ଲୋକେ ଖୁବ୍ ଆନନ୍ଦ ପାଆନ୍ତି । ତେବେ କହି ରଖୁଛୁ ଯେ, ଆମେ ଯେଉଁ ଜୋତା କଥା କହୁଛୁ ତାହା ସତ ଜୋତା ନୁହେଁ, ବରଂ ତାହା ହେଉଛି ଜୋତା ଆକୃତିର ବିଭିନ୍ନ ସୁସ୍ୱାଦୁ ଚକୋଲେଟ୍ । ନ୍ୟୁଜର୍ସିର ଏକ କ୍ୟାଣ୍ଡି ଷ୍ଟୋର୍ ଏଭଳି ଚକୋଲେଟ୍ ବିକ୍ରି କରି ବହୁ ଲୋକପ୍ରିୟ ହୋଇପାରିଛି । ଏହି ଜୋତାଗୁଡିକ ଏତେ ବାସ୍ତବ ଲାଗେ ଯେ, କେହି ଭାବି ପାରନ୍ତି ନାହିଁ ଏହା ସତ ଜୋତା ନୁହେଁ ବୋଲି । ଆଉ ଗ୍ରାହକମାନେ ଏଠାକୁ ଆସି ବହୁତ ମଜାରେ ଉକ୍ତ ବାସ୍ତବ ଲାଗୁଥିବା ଜୋତା ଆକୃତିର ଚେକାଲେଟ୍ ଖାଇଥାନ୍ତି । ଏଠାରେ ଗ୍ରାହକଙ୍କୁ ଏହି ସ୍ୱତନ୍ତ୍ର ଚକୋଲେଟ୍ ତିଆରି କରିବାର ଉପାୟ ବି କୁହାଯାଇଥାଏ ।



# ଯୋଜନାରେ ନୂଆବର୍ଷ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଯିବା ମାନେ ଆସିବା । ବର୍ଷଟିଏ ଯାଉଛି ମାନେ ଆଉ ଗୋଟେ ବର୍ଷ ଆସୁଛି । ବର୍ଷବର୍ଷ ଧରି ଏମିତି ଗୋଟିଏ ବର୍ଷ ସରୁଛି ନୂଆ ବର୍ଷଟିଏ ଆରମ୍ଭ ହେଉଛି । ଗୋଟିଏ ବର୍ଷ ଭିତରେ ପୃଥିବୀ ନିଜେ ଘୁରୁ ଘୁରୁ କେତେଥର ସୂର୍ଯ୍ୟ ଚାରିପଟେ ବୁଲି ଆସେ । ଯୁଦ୍ଧ, ସୁନାମି, ବାତ୍ୟା, ବନ୍ୟା, ଭୂମିକମ୍ପ, ଭୂସ୍ଖଳନ ଭଳି ବିପର୍ଯ୍ୟୟରେ କେତେ ଧନ ଜୀବନ ନଷ୍ଟ ହେଉଥିଲା ବେଳେ ବର୍ଷ ଶେଷରେ ଆମେ ହିସାବ କରୁଛୁ ଆମର କେତେ ଆସିଲା କେତେ ଗଲା । ହେଲେ ଦିନ ମଜୁରିଆର ଏ ସବୁରେ କିଛି ଫରକ ପଡେନି । ଯାହାର କିଛି ପାଇବାର ପ୍ରତ୍ୟାଶା ନାହିଁ ସେ ଆସିବାର ହିସାବ ରଖେନି କି ଯାହାର କିଛି ନାହିଁ ତା'ର ଯିବାର ଭୟ ନ ଥାଏ । ତା' ପାଇଁ ନୂଆ ବର୍ଷ କେବଳ ଆଉ ଗୋଟେ ଦିନ । ନୂଆ ପୁରୁଣା ବର୍ଷ ଭିତରେ ପ୍ରଭେଦ ସେମାନଙ୍କ ପାଇଁ କିଛି ନାହିଁ ।

ଏଣେ ନୂଆବର୍ଷ ପାଇଁ ପୁରୁଣା ବର୍ଷରୁ ଜବରଦସ୍ତ ଆୟୋଜନ ଆରମ୍ଭ ହୁଏ । ବ୍ୟାଙ୍କ, କମ୍ପାନୀ, ବିଭିନ୍ନ ଦୋକାନସବୁ ନିଜ ନିଜ ଗ୍ରାହକଙ୍କ ପାଇଁ କ୍ୟାଲେଣ୍ଡର, ଡାଏରୀ, ପେନ୍, ହ୍ୟାଣ୍ଡ ବ୍ୟାଗ ଭଳି ଉପହାର ପ୍ରସ୍ତୁତିରେ ଲାଗିପଡନ୍ତି । ରାଖୀ, ଦୀପାବଳି ପୂର୍ବରୁ ଯେମିତି ରାଖୀ ଓ ବାଣର ଅସ୍ଥାୟୀ ଦୋକାନ ବସେ ସେମିତି ଗ୍ରିଟିଙ୍ଗସ କାର୍ଡ, ଚାବି ରିଂ, ଡାଏରୀ, ରାଇଟିଂ ପ୍ୟାଡ ଦୋକାନ ଖୋଲିଯାଏ ଦୁଇମାସ ଆଗରୁ । ହୋଟେଲ, କ୍ଲବ ବୁକିଂ ସରିଥାଏ ଛଅ ମାସ ପୂର୍ବରୁ । ଜିରୋ ନାଇଟରେ ସୁଆଙ୍ଗ, ତାମସା ଓ ଭାଣ୍ଡାମି ପାଇଁ ପଇସା ଉଡ଼େ ।

କୁହାଯାଏ ଗଣେଶ ପୂଜାଠାରୁ ଆମର ପାର୍ବଣ ଋତୁ ଆରମ୍ଭ ହୋଇଯାଏ । ପ୍ରତି ମାସରେ ଗୋଟେ ଦୁଇଟି କରି ପର୍ବ ପାଳିତ ହୁଏ । ସେମିତି ନୂଆବର୍ଷ ପାଇଁ ଆସୁଥିବା ଶୁଭେଚ୍ଛା ବାର୍ତ୍ତା ସୁଚେଇ ଦିଏ ଯେ ଏହା ଆରମ୍ଭ ମାତ୍ର । ଆଗକୁ ବର୍ଷଯାକ ପ୍ରତି ଦଶ ପନ୍ଦର ଦିନ ଅନ୍ତରରେ ଏ ଶୁଭମନାସିବା ବାର୍ତ୍ତାର ଆଦାନ ପ୍ରଦାନ ଚାଲୁଥିବ । ପ୍ରତି ମାସରେ ଏମିତି କିଛି ନା କିଛି ପର୍ବ କିମ୍ବା ମହତ ଦିନ ଆସିବ, ଯେଉଁଥିପାଇଁ ଶୁଭେଚ୍ଛା ବାର୍ତ୍ତାର ଆଦାନ ପ୍ରଦାନ ଚାଲିବ । ତା' ବାଦ୍ ଗୁଡ୍‌ମର୍ନିଂ ଗୁଡ୍‌ନାଇଟ ବାର୍ତ୍ତା ତ ଅଛି ଯେଉଁଥିପାଇଁ ଆମ ଦେଶ ପୂରା ବ୍ରହ୍ମାଣ୍ଡରେ ପ୍ରଥମ । ଆଉ ଅଳ୍ପଦିନ ରହିଲା ନୂଆବର୍ଷ ପାଇଁ । ଏବେଠୁ ଅନେକଙ୍କ ପ୍ରସ୍ତୁତି ଆରମ୍ଭ ହୋଇଯିବଣି । ନୂଆ ନୂଆ ଶୁଭେଚ୍ଛା ବାର୍ତ୍ତା ଓ ଚିତ୍ର ଗୀତ ସମ୍ମିଳିତ ଭିଡିଓ ପ୍ରଭୃତି ସେଇ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ପାଇଁ ଯୋଗାଡ଼ କରି ସାରିବେଣି । ଯେତେବେଳେ ମେସେଜ ନୋଟିଫିକେଶନରେ ଆପଣଙ୍କ ମୋବାଇଲ ଫୋନ ହଠାତ୍ ଟୁଙ୍ଗଟାଙ୍ଗ କରି ନିରନ୍ତର ବାଜିବା ଆରମ୍ଭ ହୋଇଯିବ, ସେତେବେଳେ ଆପଣ ବୁଝିପିବେ ଯେ ନୂତନ ବର୍ଷର ସେହି ବହୁ ପ୍ରତୀକ୍ଷିତ ଜିରୋ ଆୱାର ଆସିଗଲା । ସତରେ ମୁଁ ଅନେକ ସମୟରେ ଭାବପ୍ରବଣ ହୋଇଯାଏ ଯେତେବେଳେ ଜାଣେ ଏତେ ଲୋକ ରାତି ଅନିଦ୍ରା ରହି ଆପଣଙ୍କ ପାଇଁ ଶୁଭ ମନାସୁଛନ୍ତି । ନୂଆବର୍ଷର ପ୍ରଥମ ସକାଳ ବିତେ ଫୁଲ ହୋଇଯାଇଥିବା ଫୋନ ମେମୋରିରୁ ମେସେଜ ସବୁ ଡିଲିଟ କରିବାରେ । କର୍ମ ହିଁ ଜୀବନ । ତେଣୁ ନୂଆ ବର୍ଷର ପ୍ରଥମ ସକାଳ ପାଇଁ ଶୁଭେଚ୍ଛୁମାନେ ଆପଣଙ୍କ ପାଇଁ କାମ ଯୋଗାଡି ଦେଇଥାନ୍ତି । ଅତି ସହଜ ଓ ମାଗଣାରେ ଶୀଘ୍ର ପହଞ୍ଚେଇ ହେଉଥିବା ଗଣମାଧ୍ୟମ ଯୋଗୁ କିଛି ବର୍ଷ ପୂର୍ବରୁ ଗ୍ରିଟିଂ କାର୍ଡର ପ୍ରଚଳନ ପ୍ରାୟ ବନ୍ଦ ହୋଇଗଲାଣି କହିଲେ ଚଳେ । ଗ୍ରିଟିଂ କାର୍ଡରେ ଆଉ ସୁନ୍ଦରିଆ ହାତଲେଖା ଅକ୍ଷର ଦେଖିବାକୁ ମିଳୁନି । ଆଗରୁ କାର୍ଡ ପଠେଇବା ପାଇଁ ସମ୍ପୂର୍ଣ୍ଣ ଡାକ ଠିକଣାର ଆବଶ୍ୟକତା ପଡୁଥିଲା । ଏବେ କେବଳ ମୋବାଇଲ ନଂ. ଜାଣିଥିଲେ ହେଲା । ବ୍ୟକ୍ତିଗତ ଚିହ୍ନା ପରିଚୟ ନ ଥିଲେ ବି ଶୁଭେଚ୍ଛା ବାର୍ତ୍ତା ପଠେଇହେବ । ଯେଉଁମାନଙ୍କ ସହିତ ଆପଣଙ୍କର କୌଣସି ସମ୍ପର୍କ ନାହିଁ ଏବଂ ଭବିଷ୍ୟତରେ ଏପରି ହେବାର କୌଣସି ସମ୍ଭାବନା ନାହିଁ, ସେମାନଙ୍କଠାରୁ ମଧ୍ୟ ନୂଆବର୍ଷ ପାଇଁ ମେସେଜ ଆସିଥାଏ ।

ନୂଆବର୍ଷ ପୂର୍ବରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯାହା ସବୁଠୁ ଅଧିକ ଦୃଶ୍ୟମାନ ହୁଏ ତାହାହେଲା ରାଶିଫଳ । ଟିଭି, ଖବରକାଗଜ କ୍ୟାଲେଣ୍ଡର ଡାଏରୀ ଇତ୍ୟାଦି ସବୁ ଜାଗାରେ ରାଶିଫଳ ଛାଇହୋଇ ଯାଏ । ଆମ ଭିତରେ ଅସୁରକ୍ଷିତ ଭାବ ଯେତେ ବୃଦ୍ଧି ପାଉଛି ଜ୍ୟୋତିଷମାନଙ୍କ




ଆବିର୍ଭାବ ସେତେ ପରିମାଣରେ ବୃଦ୍ଧି ପାଉଛି । ନୂଆବର୍ଷ ଅବସରରେ ପ୍ରକାଶ ପାଉଥିବା ବାର୍ଷିକ ରାଶିଫଳ ଦେଖିଲେ ଲାଗିବ ଯେମିତି ଏଇ ବର୍ଷ ମୋର ସବୁ ଦୁଃଖ ଦୂର ହୋଇଯିବ । ଧନ ଜନ ଗୋପ ଲକ୍ଷ୍ମୀରେ ଘର ପୂରି ଉଠିବ । ହେଲେ ସେଥିରୁ ଗୋଟିଏ ବି ପୂରା ହୋଇଥିବା ମୋତେ ଜଣା ପଡୁନି । ଅବଶ୍ୟ ଏଥିରେ ଜ୍ୟୋତିଷଙ୍କ କିଛି ଭୁଲ ନାହିଁ । ରାଶିଫଳରେ ଲେଖାଥିଲା ଏ ବର୍ଷ ପ୍ରଚୁର ଧନ ଲାଭ ହେବ । ଶନିଙ୍କ ବକ୍ର ଚଳନ ହେତୁ କିଛି ବି ଟଙ୍କା ପାଖରେ ରହିବନି । ଋଣ ଭାର ବଢିଯିବ । ସ୍ୱାସ୍ଥ୍ୟ ଭଲ ରହିବ । ନବମ ସ୍ଥାନରେ ରାହୁର ଅବସ୍ଥାନ ଯୋଗୁ ପେଟ ସମସ୍ୟା ଦେଖା ଦେଇପାରେ । ବାହନ ଯୋଗ ରହିଛି । ଅଷ୍ଟମରେ ମଙ୍ଗଳ ରହିଥିବା ହେତୁ ଦୁର୍ଘଟଣା ହୋଇପାରେ । ଦାମ୍ପତ୍ୟ ସୁଖରେ କଟିବ । କେତୁ ଉଚ୍ଚ ସ୍ଥାନରେ ଥିବାରୁ ପତ୍ନୀଙ୍କ କଟୁ କଥାରେ ମନ ଅଶାନ୍ତ ରହିବ । ମୋଟ ଉପରେ ଆସନ୍ତବର୍ଷ ଆପଣଙ୍କ ରାଶିର ମିଶ୍ରିତ ପ୍ରଭାବ ରହିବ । ଏ ସବୁ ପଢିଲା ପରେ ଲାଗିଲା ଯେମିତି ଜିତ୍ ବି ତାଙ୍କର ପଟ୍ ବି ତାଙ୍କର । ଅର୍ଥାତ୍ ଯେଉଁଦିନ ପତ୍ନୀ ଭଲରେ ଦି'ପଦ କଥା ହେଲେ ସେ ଦିନ ତାଙ୍କ ଗଣନା ଠିକ୍ ଆଉ ଯେଉଁଦିନ ଝଗଡା ହେଲା ସେ ଦିନ ବି ତାଙ୍କ ଗଣନା ଠିକ୍ । ରାଶିଫଳ ଶେଷରେ ମୋ ସୁଖ ଶାନ୍ତିରେ ବାଧା ସୃଷ୍ଟି କରୁଥିବା ଗ୍ରହମାନଙ୍କ କୁଦୃଷ୍ଟିରୁ ବର୍ତ୍ତିବା ପାଇଁ ପ୍ରତିକାର ବ୍ୟବସ୍ଥା ମଧ୍ୟ ଲେଖାଥିଲା । ପ୍ରତିକାର ପାଇଁ ଶନିବାର ଦିନ ଶନି ମନ୍ଦିରରେ ସୋରିଷ ତେଲରେ ଦୀପ ଜାଳିବ । ଓଁ ଶ୍ରୀ ଶ୍ରୀ.....ମନ୍ତ୍ର ସାତ ଥର ପଢିବ । ଗୋ ସେବା କରିବ ଇତ୍ୟାଦି । ଖାଲି ଗୋ ସେବା ଲେଖା ହୋଇଥିଲା, ହେଲେ ପୁ ଲିଙ୍ଗ କି ସ୍ତ୍ରୀ ଲିଙ୍ଗ ଲେଖା ହୋଇ ନ ଥିଲା । ତେଣୁ କୌଣସି ରିସ୍କ ନ ନେଇ ମୁଁ ଅଧା ଦିନ ଗାଈ ସେବା ତ ଅଧା ଦିନ ଷଣ୍ଢ ସେବା କଲି । କେବଳ ପୂଜା ପାଇଁ ଉଦ୍ଦିଷ୍ଟ 'ପୂଜା ତେଲ' ହେଉ ପଛେ ପୋଡା ମୋବିଲରେ ଶନି ମନ୍ଦିରରେ ଦୀପ ଜାଳିଲି । ବର୍ଷ ସରିଗଲା ପଛେ ନା ଲକ୍ଷ୍ମୀ ଠାକୁରାଣୀ ନା ଗୃହ ଲକ୍ଷ୍ମୀ ସାଆନ୍ତାଣୀଙ୍କଠାରୁ ଗୋଟିଏ ବି ଶୁଭଫଳ ମିଳିଲା ନାହିଁ । ରାଶିରେ ଥିବା ପ୍ରତି ଶତ୍ରୁ ଗ୍ରହଙ୍କ ଦୃଷ୍ଟି ହଟେଇବା ପାଇଁ ପ୍ରତିକାର ଲେଖା ଥାଏ, ହେଲେ ଆଜି ଯାଏ କେଉଁ ଗୋଟିଏ ବି ରାଶିଫଳରେ ଦାମ୍ପତ୍ୟରେ ଦେଖାଯାଉଥିବା ଯାବତୀୟ ବିସଙ୍ଗତି ପାଇଁ ପ୍ରତିକାର ଲେଖାଥିବା ପାଇଲି ନାହିଁ । କିଛି ପୁରୁଣା ବହୁ ଅନୁଭବୀ ଜ୍ୟୋତିଷ ବିଦ୍ୱାନଙ୍କ ସହ କଥାବାର୍ତ୍ତାରୁ ଜାଣିଲି ଖୋଦ ଶନି ତାଙ୍କ ପତ୍ନୀଙ୍କ କୋପ ଦୃଷ୍ଟିରୁ ମୁକୁଳିପାରି ନାହାନ୍ତି । କି ନର କି ଦେବ ସମସ୍ତଙ୍କ ରାଶିରେ ଏ ଗ୍ରହର ପ୍ରଭାବ ଅତ୍ୟଧିକ । ଏ ଗ୍ରହର ବିଶେଷତ୍ୱ ହେଲା ଏ ଗ୍ରହ ଚଳମାନ ନୁହନ୍ତି । ରାଶିଚକ୍ରର କେନ୍ଦ୍ରରେ ଏ ସର୍ବଦା ଅବସ୍ଥାନ କରନ୍ତି । ଏ ଗ୍ରହର ଶୁଭଦୃଷ୍ଟି ପଡିଲେ ଲାଇଫ୍ ଝିଙ୍ଗା ଲାଲା ନଚେତ୍ ବାକି ଅନ୍ୟ ସବୁ ଗ୍ରହଙ୍କ 'କୁ' 'ସୁ' ଦୃଷ୍ଟି ପ୍ରଭାବଶୂନ୍ୟ । ସବୁ ଗ୍ରହଙ୍କ ପ୍ରଭାବ କିଛି ନିର୍ଦ୍ଦିଷ୍ଟ ବର୍ଷ ପାଇଁ ରହିଥାଏ, କିନ୍ତୁ ଏ ଗ୍ରହର ପ୍ରଭାବ ମଲା ଯାଏ ଥାଏ । ଏ ଗ୍ରହ କେଉଁ ବିଶେଷ ଉପଚାରରେ ସନ୍ତୁଷ୍ଟ ହୁଅନ୍ତି ଓ ଗ୍ରହର ନିର୍ଦ୍ଦିଷ୍ଟ ଚଳନ୍ତି କକ୍ଷପଥ ବିଷୟରେ କୌଣସି ଗବେଷଣାତ୍ମକ ଉପଲବ୍ଧି ଏ ଯାଏ ମିଳିନି । ବୋଧହୁଏ ସେଇଥିପାଇଁ ସବୁ ଗ୍ରହ ହେଲେ ପୁଲିଙ୍ଗ । ସ୍ତ୍ରୀଲିଙ୍ଗର କୌଣସି ଗ୍ରହ ଏଯାଏ ଜ୍ୟୋତିଷମାନେ ପାଇନାହାନ୍ତି ।

ବାର୍ଷିକ ରାଶିଫଳଠାରୁ ଦୈନିକ ରାଶିଫଳ ଆହୁରି ବିଚିତ୍ର । ଯାହା ଆଜି ସିଂହ ରାଶିରେ ଲେଖାହୋଇଛି କିଛି ଦିନ ପରେ ସେଇ ସମାନ କଥା ଧନୁ ରାଶିରେ ଲେଖା ହୋଇଥିବ । ଯାହା ଜଣାପଡୁଛି ସବୁ ରାଶିର ଗଣନା ଫଳ ପ୍ରାୟ ସମାନ, ଖାଲି କିଛି ଦିନ ବ୍ୟବଧାନରେ ସୁଯୋଗ ଦେଖି ଭିନ୍ନ ଭିନ୍ନ ରାଶିରେ ଚିପକେଇ ଦେବା କଥା । ସେ ଯାହାହେଉ ନୂଆ ବର୍ଷ ଆସିବା ପୂର୍ବରୁ ପ୍ରାୟ ଊଣା ଅଧିକେ ସମସ୍ତେ ବାର୍ଷିକ ରାଶିଫଳ ଦେଖନ୍ତି ହେଉ ପଛେ ଚୋରାଲୁଚାରେ । କାରଣ ରାଶିଫଳ ଆମକୁ ଆଶାବାଦୀ କରାଏ । ସ୍ୱପ୍ନ ଦେଖାଏ । ଏକମାତ୍ର ରାଶିଫଳ ଯାହା ଭିକାରିକୁ ରାଜା ହେବାର ସ୍ୱପ୍ନ ଦେଖାଏ ଏବଂ ତା' ସହ ତାକୁ ବାସ୍ତବ ରୂପ ଦେବାକୁ ସୁଗମ ରାସ୍ତା ସହ ସେହି ରାସ୍ତାରେ ଆସୁଥିବା ସମସ୍ତ ବିଘ୍ନ ପାଇଁ ସହଜ ପ୍ରତିକାର ବି ବତାଏ ।

ନୂତନ ବର୍ଷରେ ନିଆଯାଉଥିବା ସଂକଳ୍ପ ସବୁ ଚାଇନିଜ ଖେଳଣା ଭଳି । ଯାହାର ସ୍ଥାୟିତ୍ୱର କିଛି ଗ୍ୟାରେଣ୍ଟି ନାହିଁ । ଅତି ବେଶିରେ ଠେଲିପେଲି ଦେଢ଼ ଦିନ ଦୁଇ ଦିନ ଯାଏ ପାଳିତ ହୁଏ । ତା'ପରେ ଯଥା ପୂର୍ବଂ ତଥା ପରଂ । କୁକୁର ଲାଞ୍ଜୁଡ଼କୁ ସଂକଳ୍ପର ଆଇରନ ମାରିଲେ ସେ କେଉଁ ସିଧା ହେଲାଣି ନା ହେବ ! ନୂଆବର୍ଷ ଦିନ ପାଇଁ ମିଳୁଥିବା ଶୁଭେଚ୍ଛା ବାର୍ତ୍ତାର ସୁନାମି ଆସ୍ତେ ଆସ୍ତେ ଯେମିତି ଥମିଯାଏ ସେମିତି ନୂଆବର୍ଷର ସ୍ୱପ୍ନକୁ ନେଇ ଆମ ଭିତରେ ଯେଉଁ ଉନ୍ମାଦନା ଥାଏ ତାହା କିଛି ଦିନ ଭିତରେ ଦିନ ମଜୁରିଆର ଅନୁଭବ ନେଇ ଶିଥିଳ ପଡ଼ିଯାଏ ।


-ବନମାଳି ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଭକ୍ତକବି ବଳରାମ ଦାସଙ୍କ କୃତ ଭାବସମୁଦ୍ର

ସମ୍ପାଦନା ଓ ଆଲୋଚନା- ପ୍ରଫେସର ପ୍ରେମାନନ୍ଦ ମହାପାତ୍ର

ପ୍ରକାଶକ- ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୨, ମୂଲ୍ୟ- ୨୨୪ ଟଙ୍କା





ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ସମ୍ପାଦନାରେ 'ଭାବସମୁଦ୍ର' ପୁସ୍ତକ ପ୍ରକାଶିତ ହୋଇଛି । ଏହା କବି ବଳରାମ ଦାସଙ୍କର ରସୋଚ୍ଛଳ ରଚନା । ଏଥିରେ କବିଙ୍କର ହୃଦୟର ବ୍ୟଥା, ବେଦନା, ଅଭିମାନ ସହିତ ଆତ୍ମ ନିବେଦନ ଏବଂ ଭକ୍ତିଭାବନାର ଅଜସ୍ର ତରଙ୍ଗ ଅନୁଭବ କରିହୁଏ । ଏଥିରେ ମୋଟ ୭୪୮ ପଦ ରହିଛି । ଏହାର ଛନ୍ଦ ମଧ୍ୟ ଅଭିନବ । ଏକାଦଶ ଅକ୍ଷର ବିଶିଷ୍ଟ ଏହି ଛନ୍ଦରେ ପ୍ରଥମରୁ 'ହରି ହୋ' ! ସମ୍ବୋଧନରୁ ଆରମ୍ଭ । 'ଭାବସମୁଦ୍ର' ଗ୍ରନ୍ଥ ରଚନା ମୂଳରେ ଗୋଟିଏ କିମ୍ବଦନ୍ତୀ ରହିଛି । କିମ୍ବଦନ୍ତୀଟି ଏହିପରି, ଏକଦା ରଥଯାତ୍ରା ସମୟରେ ରାଜାଙ୍କ ନିର୍ଦ୍ଦେଶରେ ବଳରାମ ଦାସଙ୍କୁ ରଥ ଉପରୁ ଧକ୍କା ମାରି ବାହାର କରି ଦିଆଯାଇଥିଲା । ସେଥିପାଇଁ ବଳରାମ ଦାସ ଗଭୀର କ୍ଷୋଭ ଓ ଅଭିମାନରେ ବାଙ୍କି ମୁହାଣଠାରେ ବାଲିରଥ ତିଆରି କରି ସେଠାରେ ଜଗନ୍ନାଥଙ୍କୁ ରଖାଇଲେ । ଫଳରେ ବଡଦାଣ୍ଡରେ ରଥ ଆଉ ଗଡିଲା ନାହିଁ । ଏହାପରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଏବଂ ସେ କବି ବଳରାମ ଦାସଙ୍କୁ କ୍ଷମା ମାଗିଲେ । ଏହାପରେ ବଡଦାଣ୍ଡରେ ରଥ ଗଡିଲା । ଭାବସମୁଦ୍ର ଏହି ଭକ୍ତିଭାବ ସମ୍ବଳିତ କାଳଜୟୀ ରଚନା । ପ୍ରଫେସର ମହାପାତ୍ରଙ୍କ ସମ୍ପାଦିତ ପୁସ୍ତକଟି ଛାତ୍ରୀଛାତ୍ର, ଗବେଷକ ଓ ପାଠକଙ୍କ ଦ୍ୱାରା ଆଦୃତିଲାଭ କରିବ ବୋଲି ଆଶା କରାଯାଏ ।

### ମୋ ଝର୍କାରୁ କୃଷ୍ଣଚୂଡା

ଲେଖିକା- ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀ, ପ୍ରକାଶକ- ଗଞ୍ଜାମର କବିତାଘର ଲିଟେରାରି ଟ୍ରଷ୍ଟ, ବ୍ରହ୍ମପୁର, ମୂଲ୍ୟ- ୧୫୦ ଟଙ୍କା

'ମୋ ଝର୍କାରୁ କୃଷ୍ଣଚୂଡା' ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ କବିତା ପୁସ୍ତକ । ଏଥିରେ ୩୦ଟି କବିତା ସ୍ଥାନିତ ହୋଇଛି । ଭିନ୍ନଭିନ୍ନ ପୃଷ୍ଠଭୂମିରେ କବିତାଗୁଡିକ ସ୍ୱୟଂ ସଜ୍ଜିତ ହୋଇଛି । ରସୋତ୍ତୀର୍ଣ୍ଣ ଭାବ ବିଚ୍ଛୁରଣ ଘଟିଛି କବିତାର ପ୍ରତ୍ୟେକ ପଂକ୍ତିରେ । ମନ୍ତ୍ରମୁଗ୍ଧ ସଂଯୋଜିତ ଶବ୍ଦାବଳି, ପରିମାର୍ଜିତ, ପରିବର୍ଦ୍ଧିତ ତଥା ସରଳ ଭାବେ କବିତାଗୁଡିକ ରହିଛି । ଦରଦୀ ହୃଦୟର ନିଭୃତ କୋଣରୁ ଝରିଆସୁଥିବା ବେଦନାର ଝୁଅ ଯୋଡି ହୋଇଛି ଅନେକ କବିତାର ଛତ୍ରେଛତ୍ରେ । ପାଠକ ପ୍ରାଣକୁ ଆନ୍ଦୋଳିତ କଲାଭଳି ଭାବ ଓ ଶବ୍ଦର ବର୍ଣ୍ଣ ବିଭାରେ ସଜ୍ଜିତ କବିତାର ଆତ୍ମିକ ଓ ଅଙ୍ଗିକ ପୃଷ୍ଠଭୂମି । ସରଳ, ସାବଲୀଳ, ମନଛୁଆଁ, ସାରଗର୍ଭକ ତଥା ସର୍ବଜନଗ୍ରାହୀ ଛନ୍ଦୋବଦ୍ଧ କବିତାଗୁଡିକ ହୃଦୟସ୍ପର୍ଶୀ ହୋଇପାରିଛି । ପୁସ୍ତକଟି ମାନବୀୟ ଆଦର୍ଶ, ମୂଲ୍ୟବୋଧ, ସୂକ୍ଷ୍ମ ଅନୁଭବ, ଉଚ୍ଚ ବିଚାରଧାରାରେ ଋଦ୍ଧିମନ୍ତ ହୋଇଛି । ପ୍ରଚଣ୍ଡ ନିଦାଘର କଠୋରତା, କର୍କଶତା, ଶୁଷ୍କତା, କୃଷ୍ଣଚୂଡାର ନରମ, କୋମଳ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ଚାରୁ ଅବୟବକୁ ସ୍ପର୍ଶ କରିପାରି ନାହିଁ । ଏହା ଫୁଟି ଉଠିଛି ପୁସ୍ତକଟିରେ । ସବୁ କବିତା ସୁଖପାଠ୍ୟ ଓ ମନଛୁଆଁ ।



ବ୍ୟାକ୍ ପେଜ୍


# ଇଏ କ'ଣ କେଚ୍‌ଅପ୍ ବଟଲ୍!

କୁନି ଝିଅଟି ମୁଣ୍ଡରେ ଧରିଥିବା ଏହି କେଚ୍‌ଅପ୍ ବଟଲ୍‌କୁ ସତ ଭାବୁଛନ୍ତି କି ? ନା ଏହା ଆଦୌ ସତସତିକା କେଚଅପ୍ ବୋତଲ ନୁହେଁ। ବରଂ ଏକ ୱାଟର୍ ଟାୱାର ବା ପାଣି ଟାଙ୍କି, ଯାହାକି ଇଲିନଏସ୍, କୋଲିନ୍‌ସ ଭିଲ୍ଲେରେ ଅଛି। ୧୯୪୯ରେ ଡବ୍ଲୁ. ଇ. କାଲ୍ଡୱେଲ ଏହାକୁ ତିଆରି କରିଥିଲେ। ଉଦ୍ଦେଶ୍ୟ ଥିଲା ବ୍ରୁକ୍ସ କେଚ୍‌ଅପ୍ ପ୍ଲାଣ୍ଟକୁ ଜଳ ଯୋଗାଇବା। ଉକ୍ତ କେଚ୍‌ଅପ୍ କମ୍ପାନୀର ମୁଖ୍ୟ ଜରହାର୍ଟ ଏସ୍. ସପିଗର୍ ଏହି ୱାଟର ଟାୱାରକୁ ନିର୍ମାଣ କରିଥିଲେ। ହେଲେ ୧୯୯୩ରେ ପ୍ଲାଣ୍ଟଟି ବନ୍ଦ ହୋଇଗଲା। ପରେ କିଛି ସ୍ୱେଚ୍ଛାସେବୀ ଉକ୍ତ ୱାଟର୍ ଟାୱାର୍‌କୁ ମରାମତି କରି ନୂଆ ଜୀବନ ଦେଇଥିଲେ। ଏବେ ଏହା ନ୍ୟାଶନାଲ ରେଜିଷ୍ଟର ଅଫ୍ ହିଷ୍ଟୋରିକ ପ୍ଲେସେସ୍‌ର ଅନ୍ତର୍ଭୁକ୍ତ। କେବଳ ସେତିକି ନୁହେଁ, ଏହାକୁ ପୃଥିବୀର ସବୁଠାରୁ ବଡ଼ କେଚଅପ୍ ବୋତଲ କୁହାଯାଉଛି। ୭୦ ଫୁଟ୍ ଉଚ୍ଚତାର ଏହି କେଚ୍‌ଅପ୍ ବୋତଲଟି ୧୦୦ ଫୁଟ ଉଚ୍ଚତାର ଏକ ଷ୍ଟାଣ୍ଡ ଉପରେ ଅଛି। ଆଉ ଦେଖିବାକୁ ଖୁବ୍ ଚମତ୍କାର ଲାଗେ।









# ପାହାଡରେ ଦିଶେ ବିରାଟକାୟ କ୍ରିସ୍‌ମସ୍ ଟ୍ରି

କ୍ରିସ୍‌ମସ୍ ଆସିଲେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଖେଳିଯାଏ ଖୁସିର ଲହରୀ। ଘର, ବାହାର ସବୁଆଡ଼େ ଚାଲେ ସାଜସଜ୍ଜା। ଏହିସବୁ ସାଜସଜ୍ଜା ଭିତରେ ପ୍ରମୁଖ ଆକର୍ଷଣ ଥାଏ ସୁସଜ୍ଜିତ କ୍ରିସ୍‌ମସ୍ ଟ୍ରି। କେମିତି ବଡ଼ ଓ ସୁନ୍ଦର କ୍ରିସ୍‌ମସ୍ ଟ୍ରି ଆଣି ସୁନ୍ଦରଭାବେ ସଜାଇବେ, ସେନେଇ ସତେ ଯେମିତି ଚାଲେ ପ୍ରତିଯୋଗିତା। ଏମିତିରେ ଇଟାଲୀର ଗୁବିଓରେ ଦେଖିବାକୁ ମିଳେ ପୃଥିବୀର ସବୁଠାରୁ ବଡ଼ କ୍ରିସ୍‌ମସ୍ ଟ୍ରି। ସଞ୍ଜ ନଇଁଲେ ବହୁ ଦୂର ଦୂରାନ୍ତରୁ ପାହାଡରେ ଦେଖିବାକୁ ମିଳେ ଏହି ବିରାଟ କ୍ରିସ୍‌ମସ୍ ଟ୍ରି। ଭାବୁଥିବେ ଏ କ୍ରିସ୍‌ମସ୍ ଟ୍ରି ଟି ଏମିତି କେତେ ବଡ଼ ଯେ, ବହୁ ଦୂରରୁ ଦେଖାଯାଉଛି ? ଏଠାକାର ମାଉଣ୍ଟ ଇଙ୍ଗିନୋର ଏକ ପାର୍ଶ୍ୱରେ ଥିବା ଶହ ଶହ ବୃକ୍ଷରେ ୭୦୦ ପ୍ରକାରର ବିଭିନ୍ନ ରଙ୍ଗ ଓ ଆକାରର ଲାଇଟ୍‌କୁ କ୍ରିସ୍‌ମସ୍ ଟ୍ରି ଆକାରରେ ଲଗାଇ ପ୍ରସ୍ତୁତ କରାଯାଇଥାଏ ଏହି କ୍ରିସ୍‌ମସ୍ ଟ୍ରିକୁ, ଯାହାକି ପାହାଡର ୭୫୦ ମିଟର ଉଚ୍ଚତା ଓ ୧୩୦,୦୦୦ବର୍ଗ ମିଟର ଅଞ୍ଚଳ କଭର କରିଥାଏ। ସଞ୍ଜ ନଇଁଲେ ଯେବେ ଏହି ଲାଇଟ୍‌ଗୁଡ଼ିକୁ ଜଳାଇ ଦିଆଯାଏ, ଚମତ୍କାର ଭାବେ ଏକ ବିରାଟକାୟ କ୍ରିସ୍‌ମସ୍ ଟ୍ରି ଦୃଶ୍ୟମାନ ହୁଏ। ବେଶ୍ ମନଲୋଭା ଲାଗେ ଏହି ଦୃଶ୍ୟ। ପ୍ରତିବର୍ଷ ଡିସେମ୍ବର ମାସରେ ଏହି ବିରାଟକାୟ କ୍ରିସ୍‌ମସ୍ ଟ୍ରିକୁ ପାହାଡ ଉପରର ଗଛରେ ଆଲୋକ ସାହାଯ୍ୟରେ ତିଆରି କରାଯାଇଥାଏ। ଆଉ ଏହି କ୍ରିସ୍‌ମସ୍ ଟ୍ରିକୁ ପୃଥିବୀର ସବୁଠାରୁ ବଡ଼ କ୍ରିସ୍‌ମସ୍ ଟ୍ରି ବୋଲି କୁହାଯାଏ।

# ଗଛରେ ଓଲଟା ଚଢ଼ନ୍ତି ଯୁବକ

ଗାଁରେ ଯାହାର ପିଲାଦିନ କଟିଛି ସେ ଜାଣିଛି ଗଛ ଚଢିବାର ମଜା କେତେ। ହେଲେ ଗଛ ଚଢିବା ଏତେ ସହଜ ନୁହେଁ। ଆଉ ଯଦି ଗଛରେ ଓଲଟା ଅର୍ଥାତ୍ ମୁଣ୍ଡ ତଳକୁ ଓ ଗୋଡ ଉପରକୁ କରି ଚଢିବାକୁ କୁହାଯାଏ, ତା'ହେଲେ ତ ଏହା ଅସମ୍ଭବ ବୋଲି କୁହାଯିବ। ହେଲେ ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇଛନ୍ତି ହରିୟାଣାର ଯୁବକ ମୁକେଶ କୁମାର। ଡେଲିମେଲ୍‌ର ଖବର ଅନୁସାରେ, ୩୨ ବର୍ଷୀୟ ମୁକେଶଙ୍କର ପିଲାଦିନୁ ଗଛ ଚଢିବାରେ ଥିଲା ପ୍ରବଳ ଆଗ୍ରହ। ପ୍ରଥମେ ସିଏ ବି ଅନ୍ୟମାନଙ୍କ ପରି ସାଧାରଣଭାବେ ଗଛ ଚଢୁଥିଲେ। ହେଲେ ଯେବେ ତାଙ୍କୁ ୧୩ ବର୍ଷ ବୟସ ହେଲା କିଛି ଭିନ୍ନ ଉପାୟରେ ଗଛ ଚଢିବାକୁ ନିଷ୍ପତ୍ତି ନେଲେ। ଆଉ ଆରମ୍ଭ କଲେ ଓଲଟା ଚଢିବା, ଅର୍ଥାତ୍ ମୁଣ୍ଡ ତଳକୁ ଓ ଗୋଡ ଉପରକୁ କରି ଚଢିବା। ଏମିତିଭାବେ ଚଢିବାବେଳେ ତାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଅନେକ ଥର କ୍ଷତବିକ୍ଷତ ବି ହୋଇଥିଲେ। ହେଲେ ଏଥିରୁ ସେ ବିରତ ହୋଇ ନ ଥିଲେ। ପ୍ରୟାସ ଜାରି ରଖିଲେ। ପ୍ରଥମେ ମାତ୍ର ୨–୩ ଫୁଟ ଓଲଟା ଚଢିପାରୁଥିଲେ। ହେଲେ ଏବେ ସେ ୫୦ ଫୁଟ୍‌ର ନଡିଆ ଗଛକୁ ମାତ୍ର ୫ ମିନିଟ୍‌ରୁ କମ୍ ସମୟରେ ଚଢିପାରୁଛନ୍ତି। ଆଉ ଏହା ସମ୍ଭବ ହୋଇପାରିଛି କେବଳ ତାଙ୍କର ଅଦମ୍ୟ ଚେଷ୍ଟା ଫଳରେ।

